## ସଂକ୍ଷେପରେ

### ପାଟକୁରାରେ ବିଜେଡିର ବାଜିମାତ୍
## ଭୋଟରଙ୍କୁ କୃତଜ୍ଞତା ଜଣାଇଲେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ

ଡେରାବିଶ, ୨୫।୭ (ସ୍ୱ.ପ୍ର.): ବହୁ ଚର୍ଚ୍ଚିତ ପାଟକୁରା ନିର୍ବାଚନରେ ବିଜେଡି ବାଜିମାତ୍ କରିଛି। ବୁଧବାର ଭୋଟଗଣତି ପରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କଠାରୁ ୧୭,୯୨୦ ଭୋଟରେ ଜିତିଛନ୍ତି। ତେବେ ପାଟକୁରାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇଥିବାରୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ପାଟକୁରାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଶେଷକରି ଡେରାବିଶ ବ୍ଲକରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କୁ ୧୪ ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଥିବାରୁ ସରୋଜ ଡେରାବିଶବାସୀଙ୍କୁ ବିଶେଷ କୃତଜ୍ଞତା ଜଣାଇଛନ୍ତି। ଅପରପକ୍ଷେ ବହୁ ଜନସମର୍ଥନ ପାଇ ବିଧାୟିକା ଭାବେ ନିର୍ବାଚିତ ହୋଇଥିବାରୁ ସାବିତ୍ରୀଙ୍କୁ ସରୋଜ ଶୁଭେଚ୍ଛା ଜଣାଇଛନ୍ତି।

## ଦୁଇ ସ୍ଥାନରେ ଅଗ୍ନିକାଣ୍ଡ, ୩ ବଖରା ଜଳିଗଲା



ଡେରାବିଶ, ୨୫।୭ (ସ୍ୱ.ପ୍ର.): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅଧୀନ ପାଣିଓଲା-୨ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି କିଶୋର କୁମାର ପରିଡ଼ାଙ୍କ ୨ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଘରେ ରୋଷେଇ ଚାଲିଥିବା ବେଳେ ଚୁଲିରୁ ନିଆଁ ବାହାରି ଚାଳରେ ଲାଗି ଯାଇଥିଲା। ଚାହୁଁଚାହୁଁ ଚାଳସାରା ନିଆଁ ବ୍ୟାପି ଯାଇଥିଲା। ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନଙ୍କ ସମେତ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଓ ଡେରାବିଶରୁ ୩ଟି ଅଗ୍ନିଶମ ସେବା ସଂସ୍ଥା ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ବର୍ଷକର ଖାଦ୍ୟ ସାମଗ୍ରୀ ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସେହିପରି ସନ୍ଧ୍ୟାରେ ରତାଦିଆ ଖଣ୍ଡସାହି ପଞ୍ଚାୟତ ଇଷାଣଦିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ରାଧାଶ୍ୟାମ ଆଚାର୍ଯ୍ୟଙ୍କ ଗୁହାଳ ସମ୍ପୂର୍ଣ୍ଣ ଜଳିଯାଇଛି। ମଶା ପାଇଁ ଗୁହାଳଘରେ ଧୂଆଁ ଦିଆଯାଇଥିବା ବେଳେ ସେଥିରୁ ଧାସ ବାହାରି ଗୁହାଳେ ରଖାଯାଇଥିବା ଜାଳେଣି କାଠରେ ଲାଗିଯିବା ଯୋଗୁ ସବୁ କାଠ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଗାଈଗୁଡ଼ିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ■ ୧୮ ବର୍ଷ ତଳେ ଲାଗିଥିଲା ଫଳକ
# ଆଜି ଯାଏ ନିର୍ମାଣ ହେଲାନି ସ୍ମୃତିସ୍ତମ୍ଭ

ରାଜକନିକା, ୨୫।୭ (ଡି.ଏନ୍.ଏ.)

ଆଜି କାର୍‌ଗିଲ ବିଜୟ ଦିବସ। ୧୯୯୯ ମସିହା ଏହି ଦିନ ଶତ୍ରୁ ଦେଶ ପାକିସ୍ତାନ ସହ ହୋଇଥିବା କାର୍‌ଗିଲ ଯୁଦ୍ଧରେ ବିଜୟ ଲାଭ କରିଥିଲେ ଭାରତୀୟ ସେନା। ସେନାଙ୍କ ପରାକ୍ରମକୁ ମନେପକାଇବା ପାଇଁ ପ୍ରତିବର୍ଷ ଏହି ଦିନଟିକୁ କାର୍‌ଗିଲ୍ ବିଜୟ ଦିବସ ଭାବେ ପାଳନ କରାଯାଉଛି। ଉକ୍ତ ଯୁଦ୍ଧରେ ନିଜ ପ୍ରାଣକୁ ବଳି ଦେଇ ଦେଶ ମାତୃକାକୁ ରକ୍ଷା କରିଥିଲେ ଏଇ ମାଟିର ବହୁ ସୁଯୋଗ୍ୟ ସନ୍ତାନ। ସେମାନଙ୍କ ମଧ୍ୟରେ ଥିଲେ ରାଜକନିକା ମାଟିର ମାନସ ପୁତ୍ର ନାଏକ ସଚ୍ଚିଦାନନ୍ଦ ମଲ୍ଲିକ। ଅନନ୍ୟ ଦେଶପ୍ରେମର ଭାଷା ଶିଖାଇଥିବା ଶହୀଦ ସଚ୍ଚିଦାନନ୍ଦଙ୍କ ପାଇଁ ସାରା ଦେଶ ଗର୍ବ କରୁଥିବା ବେଳେ ରାଜକନିକା ବ୍ଲକ କିମ୍ବା କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ଏଇ ବୀର ପୁତ୍ରଙ୍କ ପ୍ରତି ସମ୍ମାନ ଥିବା ଭଳି ମନେହେଉନି। ଦେଶ ପାଇଁ ସଚ୍ଚିଦାନନ୍ଦ ଶହୀଦ ହେବା ପରେ ତାଙ୍କ ସମ୍ମାନାର୍ଥେ କଣ୍ଡିଆ ଫାଣ୍ଡି ନିକଟରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯିବା ଲାଗି ସ୍ଥିର କରାଯାଇଥିଲା। ଏଥିନେଇ ତତ୍କାଳୀନ ଜିଲାପାଳ ଓ ତତ୍କାଳୀନ ଏମ୍‌ପିଙ୍କ ଉପସ୍ଥିତିରେ ୨୦୦୧ ଜୁନ୍ ୨୮ରେ ଏକ ଫଳକ ଲଗାଯାଇଥିଲା। ଇତିମଧ୍ୟରେ ୧୮ ବର୍ଷ ବିତି ଯାଇଥିଲେ ବି ଏ ପର୍ଯ୍ୟନ୍ତ ସ୍ମୃତିସ୍ତମ୍ଭ ନିର୍ମାଣ ହେବାର ନାଁ ଧରୁନି ପ୍ରଶାସନ। ଶହୀଦଙ୍କ ପ୍ରତି ପ୍ରଶାସନର ଏଭଳି ମନୋଭାବକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦେଶ ପାଇଁ ଜୀବନ ଦେଇଥିବା ଏଇ ମାଟିର ପୁଅ ପାଇଁ ସ୍ମୃତିସ୍ତମ୍ଭଟିଏ ନିର୍ମାଣ କରିବାକୁ ପ୍ରଶାସନ ମନ ବଳାଉ ନଥିବାରୁ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସେମାନେ କହିଛନ୍ତି, ମୃତ୍ୟୁକୁ ତୁଚ୍ଛ ମଣି ଦେଶ ଲାଗି ଜୀବନ ଦେଇଥିବା ସଚ୍ଚିଦାନନ୍ଦଙ୍କ ପାଇଁ କନିକାବାସୀ ଗର୍ବିତ। ମାତ୍ର ୩୦ ବର୍ଷ ବୟସରେ ସ୍ତ୍ରୀ, ୩ ବର୍ଷର ପୁଅ ଓ ମା'ବାପାଙ୍କୁ ଅନାଥ କରି ସେ ଦେଶ ପାଇଁ ପ୍ରାଣବଳି ଦେଇଥିଲେ। ତାଙ୍କ ମରଶରୀର ଜନ୍ମମାଟିକୁ ଅଣାଯିବା ସମୟରେ ଶବାଧାରରେ କେନ୍ଦ୍ରାପଡ଼ା ଜିଲାର ହଜାର ହଜାର ଜନସାଧାରଣ ସାମିଲ ହୋଇଥିଲେ। ଏଇ ବୀରପୁତ୍ରଙ୍କ ପାଇଁ ଏପର୍ଯ୍ୟନ୍ତ ସ୍ମୃତିସ୍ତମ୍ଭଟିଏ ନିର୍ମାଣ କରା ନ ଯିବା ନିଶ୍ଚିତ ଭାବେ ଦୁଃଖର ବିଷୟ ବୋଲି ଗ୍ରାମର ବୁଦ୍ଧିଜୀବୀମାନେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୫ ନଭେମ୍ବର ୧୫ରେ ଶହୀଦ ସଚ୍ଚିଦାନନ୍ଦଙ୍କ ବାପା ଉପେନ୍ଦ୍ର ମଲ୍ଲିକ ଓ ୨୦୧୮ ଜୁନ୍ ୨୮ରେ ମାଆ ମାଳତୀ ଲତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ବିଧବା ସ୍ତ୍ରୀ ନିବେଦିତା ଭୁବନେଶ୍ୱରଠାରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଏକ ଗ୍ୟାସ ଏଜେନ୍ସି ଚଳାଇବା ସହ ପୁଅ ସୋନୁଙ୍କୁ ଏକ କଲେଜରେ ଇଞ୍ଜିନିୟରିଂ ପଢ଼ାଉଛନ୍ତି। ତେବେ ଇଞ୍ଜିନିୟରିଂ ସରିବା ପରେ ବାପାଙ୍କ ଭଳି ସେନାରେ ଯୋଗ ଦେଇ ଦେଶ ପାଇଁ ଗୌରବ ଅର୍ଜନ କରିବି ବୋଲି ସୋନୁ କହିଛନ୍ତି।

**ଆଜି କାର୍‌ଗିଲ ବିଜୟ ଦିବସ**



ଶହୀଦ ନାଏକ ସଚ୍ଚିଦାନନ୍ଦ ମଲ୍ଲିକ ଫଟୋ ସହ ତାଙ୍କ ବୃଦ୍ଧ ମାତାପିତା (ଫାଇଲ ଫଟୋ)।

■ ଶହୀଦଙ୍କ ପ୍ରତି ପ୍ରଶାସନର ଅସମ୍ମାନ
■ କ୍ଷୋଭ ପ୍ରକାଶ କଲେ କନିକାବାସୀ

### ■ ଜେଲରୁ ବାହାରିଲେ ସାରଥି
# ଶୂନ୍‌ଶାନ୍ ବାରିମୂଳ ଆଶ୍ରମ



ବାରିମୂଳ ଆଶ୍ରମ ପରିସର ଖାଁ ଖାଁ।

ଡେରାବିଶ, ୨୫।୭ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକସ୍ଥିତ ବାରିମୂଳ ଆଶ୍ରମର ମୁଖ୍ୟ ସନ୍ତୋଷ ରାଉଳ ଓରଫ ସାରଥି ଗୁରୁବାର ଜେଲ୍‌ରୁ ବାହାରିଛନ୍ତି। ହେଲେ ତାଙ୍କର ସମସ୍ତ କଳାକାରନାମାର ମୂକସାକ୍ଷୀ ଭାବେ ଠିଆହୋଇଥିବା ବାରିମୂଳ ଆଶ୍ରମ ଏବେ ପୋଲିସ କବ୍‌ଜାରେ ରହିଛି। ଦୀର୍ଘ ୪ବର୍ଷ କାଳ ସାରଥି ଜେଲରେ ରହିବା ପରେ ଗୁରୁବାର ମୁକୁଳିଥିବା ବେଳେ ବାରିମୂଳ ଆଶ୍ରମ ସମ୍ପୂର୍ଣ୍ଣ ଶୂନ୍‌ଶାନ ଥିବା ଦେଖାଯାଇଛି। ସାରଥିଙ୍କ ଗିରଫ ପରେ ଆଶ୍ରମକୁ ସିଲ୍ କରାଯାଇଥିଲା। ତେବେ ଆଶ୍ରମ ଭିତରେ ଏବେ ସାରଥିଙ୍କ ମା' ଏକୁଟିଆ ରହୁଛନ୍ତି।

ସାରଥିଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବା ବେଳେ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟ ମଧ୍ୟ ତାଙ୍କ ଜାମିନ ପାଇଁ ସର୍ତ୍ତ ରଖିଛନ୍ତି। ବାରିମୂଳ ଆଶ୍ରମକୁ ନ ଯିବା, ରାଜ୍ୟ ବାହାରକୁ ଯିବା ପୂର୍ବରୁ କୋର୍ଟ ଓ ତଦନ୍ତ ଅଧିକାରୀଙ୍କୁ ସୂଚନା ଦେବା, ସର୍ବସାଧାରଣ ସ୍ଥାନରେ ସଭାରେ ସାମିଲ ନ ହେବା, ଗଣମାଧ୍ୟମକୁ ସୂଚନା ନ ଦେବା ଆଦି ସର୍ତ୍ତରେ ସାରଥିଙ୍କୁ ଜାମିନ ମିଳିଛି।

ସୂଚନାଥାଉ କି, ଆତ୍ମଘୋଷିତ ବାବା ସାରଥି ହାଇଦ୍ରାବାଦର ଏକ ହୋଟେଲରେ ଜିନ୍ସ ପିନ୍ଧି ସୋଫାରେ ବସିଥିବା ଫଟୋ ଗଣମାଧ୍ୟମରେ ଭାଇରାଲ ହେବା ପରେ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ସେହି ହୋଟେଲରେ ସେ ଜଣେ ଡାକ୍ତରୀ ଛାତ୍ରୀଙ୍କ ସହ ରହିବା ଅଭିଯୋଗ ଆସିବା ପରେ ତାଙ୍କର ଅସଲ ଚେହେରା ପଦାରେ ପଡ଼ିଥିଲା। ଭକ୍ତଙ୍କ ଭାବାବେଗକୁ ଆଘାତ, ଯୌନଶୋଷଣ ଓ ଲୋକଙ୍କୁ ଆଘାତ ଦେବା ଆଦି ଅଭିଯୋଗରେ ସାରଥିଙ୍କୁ ୨୦୧୫ ଅଗଷ୍ଟ ୮ ତାରିଖରେ ଗିରଫ କରାଯାଇଥିଲା।

# ବୋରିଂରେ ଅଟକିଛି ପାନୀୟ ଜଳ ପ୍ରକଳ୍ପ

ଆଳି, ୨୫।୭ (ଡି.ଏନ୍.ଏ.)

ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଆଳି ବ୍ଲକ ଦଶିପୁରଠାରେ ପ୍ରାୟ ବର୍ଷେ ତଳେ ଆରମ୍ଭ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଛି। ପ୍ରଥମେ ଆଳିର ତତ୍କାଳୀନ ବିଧାୟକ ଦେବେନ୍ଦ୍ର ଶର୍ମା ଏହି ପ୍ରକଳ୍ପର ଶୁଭ ଦେଇଥିବା ବେଳେ ଏହାପରେ ବ୍ଲକ ଅଧ୍ୟକ୍ଷା ଝରଣା ଦାଶ ସେହି ପ୍ରକଳ୍ପର ଶୁଭ ଦେଇଥିଲେ। ଏ ନେଇ ରାଜନୈତିକ ହଟଚମଟ ସୃଷ୍ଟି ହୋଇଥିଲା। ହେଲେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ଏହି ପ୍ରକଳ୍ପ କାର୍ଯ୍ୟ ଦୀର୍ଘ ବର୍ଷକ ପରେ ବି କେବଳ ବୋରିଂରେ ହିଁ ସୀମିତ ରହିଯାଇଛି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଦଶିପୁର ପଞ୍ଚାୟତ ଅଧୀନ ଖରିଅଣ୍ଟା, ବନ୍ଧସାହି ଓ ଦଶିପୁର ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସ୍ୱଜଳ ଧାରା ଯୋଜନାରେ ଦଶିପୁରଠାରେ ଏକ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଏହି ପ୍ରକଳ୍ପ ନିମନ୍ତେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୭୦ ଲକ୍ଷ ଟଙ୍କା ବ୍ୟବବରାଦ କରାଯାଇଥିଲା। ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। କିନ୍ତୁ ଏହି ପ୍ରକଳ୍ପ ଏବେ ସୁଦ୍ଧା ବି ସେହି ବୋରିଂ ନିର୍ମାଣରେ ହିଁ ଅଟକି ରହିଛି। ବୋରିଂ ପରେ ଗ୍ରାମରେ ପାଇପ ବିଛା ଯିବା କଥା। କିନ୍ତୁ ପାଇପ ବିଛା କାର୍ଯ୍ୟ ଆରମ୍ଭ କରାଯାଉନାହିଁ। ତେଣୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସାହୁଙ୍କୁ ପଚାରିବାରେ, ବୋରିଂ କାମ ସରିଛି। ଅନ୍ୟ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଛି। ଟେଣ୍ଡର ଫାଇନାଲ ହେଲେ କାମ ଆରମ୍ଭ ହେବ। ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଦଶିପୁର ସରପଞ୍ଚ ବାସନ୍ତୀ ବେହେରା, ଅମୂଲ୍ୟ ମଲିକ, ନିରଞ୍ଜନ ସାହୁ, ଅରୁଣ ସୂତାର, ରଞ୍ଜନ ସାହୁ ପ୍ରମୁଖ ଦାବି କରିଛନ୍ତି।




ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ଲଗାଯାଇଥିବା ଫଳକ।

# ୫ ବର୍ଷ ହେଲା ସଫା ହେଉନି ନାଳ

ଡେରାବିଶ, ୨୫।୭ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ପଳେଇ ପଞ୍ଚାୟତ ଅଧୀନ ୧୧ ନଂ. କେନାଲ୍ ଶାଖା ମଲ୍ଲିକେଶ୍ୱରପୁର ମାଇନର ନାଳ ଦୀର୍ଘ ପାଞ୍ଚ ବର୍ଷ ହେଲା ସଫା ହେଉନି। ଫଳରେ ଏହି ନାଳ ପାଣି ଉପରେ ନିର୍ଭର କରୁଥିବା ଚାଷଜମିଗୁଡ଼ିକରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେବେ ନାଳ ସଫା କରାଯିବା ପାଇଁ ସ୍ଥାନୀୟ ଚାଷୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ବି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଶାଖାନାଳଟି ପ୍ରାୟ ୧ କି.ମି. ପର୍ଯ୍ୟନ୍ତ ଯାଇଥିବା ବେଳେ ଜଳସେଚନ ପାଇଁ ଏହା ଉପରେ ୧୦୦ ହେକ୍ଟର ଜମି ନିର୍ଭରଶୀଳ। ହେଲେ ୫ ବର୍ଷ ଧରି ସଫା କରା ନଯିବା କାରଣରୁ ଏହା ଏବେ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ତେବେ ଏହାର ସଫେଇ ପାଇଁ ଜଳସେଚନ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ପାଣି ପଞ୍ଚାୟତକୁ ସଫେଇ ପାଇଁ କୁହାଇଥିବା ଯନ୍ତ୍ରୀ କହିଥିଲେ। ହେଲେ ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ବି ନାଳ ସଫା କରାଯାଉନି। ଫଳରେ ଏ ସମ୍ପର୍କରେ ଚାଷୀ ବ୍ରଜସୁନ୍ଦର ପଣ୍ଡା, ଅକ୍ଷୟ କୁମାର ନାୟକ, ଦିବାକର ନାୟକ, ରମେଶ ଚନ୍ଦ୍ର ନାୟକ, ହୃଷୀକେଶ ବାରିକ ପ୍ରମୁଖ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଗୋ ଚିକିତ୍ସା ସମ୍ପର୍କିତ ସଚେତନତା

ମହାକାଳପଡ଼ା, ୨୫।୭ (ଡି.ଏନ.ଏ.)



ମହାକାଳପଡ଼ା ବ୍ଲକ ଅଧୀନ ବାରଡାଙ୍ଗ ପଞ୍ଚାୟତର ପାରେସୱରପୁର ଗ୍ରାମରେ ଗୁରୁବାର ଗୋ-ଚିକିତ୍ସା, ପ୍ରତିଷେଧକ ଟୀକାକରଣ ଓ ଗୋ-ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରାଦୀପସ୍ଥିତ ଇଫ୍‌କୋ ଓ ଇଣ୍ଡିଆନ ଫାର୍ମର୍ସ ଫରେଷ୍ଟ ଡେଭେଲପମେଣ୍ଟ କୋ-ଅପରେଟେଭ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ବର୍ଷାଦିନେ ଗୋ-ସୁରକ୍ଷା ତଥା ଫାଟୁଆ, ବଜବଜିଆ, ସାହାଣ, ଜ୍ୱର, ଥଣ୍ଡା ଆଦି ରୋଗରୁ ଗୋ-ସମ୍ପଦକୁ ସୁରକ୍ଷା ଦେବା ସମ୍ପର୍କରେ ସ୍ଥାନୀୟ ଚାଷୀଙ୍କୁ ସଚେତନ କରାଯାଇଥିଲା। ଶିବିରରେ ସଂସ୍ଥା କ୍ଷେତ୍ର ଅଧିକାରୀ ଅଜୟ ବଳବନ୍ତରାୟ, ଗୀତାଞ୍ଜଳି ପାଇଟାଳ ଓ ଦିଲ୍ଲୀପ ସେନାପତିଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ସ୍ମୃତିଚାରଣ ସଭା

ମାର୍ଶାଘାଇ,୨୫।୭(ଡି.ଏନ.ଏ.)

ମାର୍ଶାଘାଇ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ସ୍ୱର୍ଗତ ନିରଞ୍ଜନ ରଥଙ୍କ ଦ୍ୱାଦଶାହରେ ଗୁରୁବାର ଅପରାହ୍ଣରେ ତାଙ୍କ ମାର୍ଶାଘାଇ ଭଣ୍ଡାରିକଣସ୍ଥିତ ବାସଭବନରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ଛାତ୍ର ମନୋରଞ୍ଜନ ବସନ୍ତିଆ ସଭାପତିତ୍ୱ କରିଥିଲେ` ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରସଂସଦର ପ୍ରାକ୍ତନ ସଭାପତି ଇଂ ଜ୍ଞାନଦେବ ବେଉରା, ସହସଂପାଦକ ବିଚିତ୍ରାନନ୍ଦ ବେହେରା, ସହକାରୀ ଶିକ୍ଷକ ଗୋପୀନାଥ ବେହେରା, ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କ ସ୍ମୃତିଚାରଣ କରିଥିଲେ।

## ଶ୍ରୀ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ମାର୍ଶାଘାଇ,୨୫।୭(ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ଶାସନିପଡା ଗ୍ରାମର ଶ୍ରୀ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି । ଇକୋ କ୍ଲବ ଶିକ୍ଷକ ନବଘନ ମହାରଣାଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ କରାଯିବା ସହ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ଼ ଧରି ବନ ମହୋତ୍ସବ ପାଳନର ଗୁରୁତ୍ୱ ସମ୍ପର୍କରେ ଶାସନିପଡା ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଜାମ୍ବୁ , ନିମ୍ବ ଆଦି ବୃକ୍ଷରୋପଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ,କବିତା ଆବୃତି ,ସାଧାରଣ ଜ୍ଞାନ, ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା । ଏହି ଅବସରରେ ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲଙ୍କ ସଭାପତିତ୍ୱରେ ସଭାର ଆୟୋଜନ କରାଯାଇ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷକ ବିକାଶ ଚନ୍ଦ୍ର ଗେରୁ ,ଉମାକାନ୍ତ ସାମନ୍ତରାୟ ସଭା ପରିଚାଳନରେ ସହଯୋଗ କରିଥିଲେ ।




ବନ ମହୋତ୍ସବ ଅବସରରେ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।

## କେଶବାନନ୍ଦ ଦାଶଙ୍କ ଶ୍ରାଦ୍ଧୋତ୍ସବ




ସ୍ମୃତିସଭାରେ ଅତିଥିମାନେ।

ଆଳି, ୨୫।୭ (ଡି.ଏନ୍.ଏ.)

ଆଳି ବ୍ଲକ ନ'ମୌଜା ଅଞ୍ଚଳର ସାମାଜିକ କର୍ମୀ ତଥା କେଶବାନନ୍ଦ ବିଦ୍ୟାପୀଠ ପ୍ରତିଷ୍ଠାତା କେଶବାନନ୍ଦ ଦାଶଙ୍କର ଏକାଦଶ ଶ୍ରାଦ୍ଧୋତ୍ସବ ବିଦ୍ୟାପୀଠ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାପୀଠର ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ବେଉରିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସବିତା ଦାସ ଓ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ବୀରେନ୍ଦ୍ର କୁମାର ପଣ୍ଡା, ମଧୁସୂଦନ ଦାସ, ବୃନ୍ଦାବନ ପଣ୍ଡା, ସଚ୍ଚିଦାନନ୍ଦ ସାହୁ, ଅମୂଲ୍ୟ ଚରଣ ରାଉତ, କଳ୍ପତରୁ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଆରମ୍ଭରେ ସ୍ୱର୍ଗତ ଦାଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ହଜାରେ ବିଡ଼ି ବାନ୍ଧିଲେ ୮୦ ଟଙ୍କା

ମହାକାଳପଡ଼ା, ୨୫।୭ (ଡି.ଏନ୍.ଏ.)

ଶ୍ରମିକଙ୍କ କଲ୍ୟାଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଗ୍ରାମାଞ୍ଚଳରେ କେତେକ କାର୍ଯ୍ୟରତ ଶ୍ରମିକ ଏହାର ସୁଫଳ ପାଇପାରୁନାହାନ୍ତି। ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଶତାଧିକ ମହିଳା ବିଡ଼ି ବନ୍ଧାଳି ଭାବେ ବର୍ଷ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ବେଳେ ସେମାନଙ୍କ ଉନ୍ନତି ଦିଗରେ ସରକାର ଦୃଷ୍ଟି ଦେଇ ନଥିବା ମହିଳା ଶ୍ରମିକମାନେ କହିଛନ୍ତି। ଏ ପର୍ଯ୍ୟନ୍ତ ସେମାନଙ୍କୁ ସରକାରୀ ଶ୍ରମିକ ଭାବେ ପଞ୍ଜୀକୃତ କରାଯାଇ ନାହିଁ। ସେମାନେ ଖୁବ୍ କମ୍ ପାରିଶ୍ରମିକରେ ପରିଶ୍ରମ କରୁଥିବା ସରକାର ଏ ଦିଗରେ ଦୃଷ୍ଟି ଦେଇ ନଥିବା ମହିଳାମାନେ କହିଛନ୍ତି। ସେମାନେ କହିଛନ୍ତି, ସ୍ଥାନୀୟ ବିଡ଼ି ବ୍ୟବସାୟୀମାନଙ୍କ ପାଖରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ମହିଳା ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ୧ ହଜାର ବିଡ଼ି ବାନ୍ଧିଲେ ମାତ୍ର ୮୦ ଟଙ୍କା ଦେଉଛନ୍ତି। ଯାହାଫଳରେ ବିଡ଼ି ବାନ୍ଧିବା ପରିଶ୍ରମ ତୁଳନାରେ ପାରିଶ୍ରମିକ ଖୁବ୍ କମ୍ ମିଳୁଛି।

ମହାକାଳପଡ଼ା ବ୍ଲକର ଖରିନାସୀ ଜେଠିପଡାର ୧୦୦ରୁ ଅଧିକ ବିଡ଼ି ବନ୍ଧାଳି ମହିଳା ଶ୍ରମିକ ଦୈନିକ ୫ ଶହରୁ ୧ ହଜାର ବିଡ଼ି ବାନ୍ଧନ୍ତି। ଦିନକର ଘର କାମ ସାରି ଦି ପଇସା ରୋଜଗାର ପାଇଁ ବିଡ଼ି ବାନ୍ଧୁଥିବା ବେଳେ ଦିନକୁ ମାତ୍ର ୫୦ରୁ ୮୦ ଟଙ୍କା ମିଳୁଛି। ବିଡ଼ି ପ୍ରସ୍ତୁତ ହେଉଥିବା କଞ୍ଚାମାଲ ତଥା ରାସାୟନିକ ଯୁକ୍ତ ପତିର ଗନ୍ଧ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇଥିଲେ ମଧ୍ୟ ଅଭାବ ସଂସାରରେ ରୁଜୁରାଣ ମେଣ୍ଟାଇବା ପାଇଁ ରୋଜଗାର କରିବା ଆଶାରେ ସେମାନେ ଏହାକୁ ପେଶା କରିଛନ୍ତି। ବିଡ଼ିର ରାସାୟନିକ ଗନ୍ଧ ଯୋଗୁ ଫୁସ୍‌ଫୁସ୍ ଜନିତ ରୋଗରେ ପୀଡିତ ହେବାର ସମ୍ଭାବନା ରହିଛି। ଯାହାଫଳରେ ଅଧିକାଂଶ ସମୟରେ ଲୋକମାନେ ବିଭିନ୍ନ ରୋଗରେ ପୀଡ଼ିତ ହୋଇଥାନ୍ତି। ପରିବାର ପାଇଁ ଏହା କରିବାକୁ ପଡୁଥିବା ବେଳେ ସେମାନଙ୍କୁ କୌଣସି ସରକାରୀ ପ୍ରୋତ୍ସାହନ ମିଳୁ ନଥିବା ନେଇ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତେବେ ମହିଳା ଶ୍ରମିକମାନଙ୍କୁ ସରକାରୀ ଭାବେ ପଞ୍ଜୀକୃତ କରିବା ସହ ସେମାନଙ୍କ ପାଇଁ ପ୍ରୋତ୍ସାହତର ବ୍ୟବସ୍ଥା କରିବାକୁ ସାମାଜିକ କର୍ମୀ ସୁଇସ ସ୍ୱାଇଁଙ୍କ ସମେତ କେତେଜଣ ବୁଦ୍ଧିଜୀବୀ ଦାବି କରିଛନ୍ତି। ଶ୍ରମିକ ମହିଳାମାନଙ୍କ ମଧ୍ୟରେ ଗୀତାଞ୍ଜଳି ବିଶ୍ୱାସ (୬୫), ଟୁଲୁ ମୈତ୍ର (୩୬), ସୁଲତା ବିଶ୍ୱାସ (୫୦), ସନ୍ଧ୍ୟା ବିଶ୍ୱାସ (୪୨), ଦୀପାଳି ହାଲଦାର (୬୫), ସାୟା ମିତ୍ର (୬୨), ଜ୍ୟୋତ୍ସ୍ନା ମଣ୍ଡଳ (୬୫), ଦୀପିକା ମଣ୍ଡଳ (୩୫), ସରୋଜିନୀ ଢାଲ (୩୪) ଓ ଝୁମା ବିଶ୍ୱାସ (୪୦)ଙ୍କ ସମେତ ଶତାଧିକ ମହିଳା ଏହି ବିଡ଼ି ବନ୍ଧା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ତେବେ ଏହି ମହିଳାମାନଙ୍କୁ ପ୍ରୋତ୍ସାହନ ଯୋଗାଇଦଆଯିବା ନିମନେତ୍ ସରକାରୀସ୍ତରରେ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ପଚାରିବା ପାଇଁ ଜିଲା ଶ୍ରମ ଅଧିକାରିଣୀ କଳ୍ପନା ମିଶ୍ରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇ ଥିଲେ ବି ଏହା ସମ୍ଭବ ହୋଇପାରିନାହିଁ।



ମହିଳାମାନେ ବିଡ଼ି ବାନ୍ଧୁଛନ୍ତି।

■ ରୁଜୁରାଣ ମେଣ୍ଟାଇବାକୁ କଷ୍ଟ କରୁଛନ୍ତି ମହିଳା
■ ମିଳୁନି ସରକାରୀ ପ୍ରୋତ୍ସାହନ

## ସଂକ୍ଷେପରେ

### ଭାରତୀୟ ତଟରକ୍ଷୀ ବାହିନୀର ସଚେତନତା

**କୁଜଙ୍ଗ,୨୫।୭(ସ୍ୱ.ପ୍ର.):** ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଗଡ଼କୁଜଙ୍ଗ ପଞ୍ଚାୟତ ନୋଳିଆ ସାହିରେ ମତ୍ସ୍ୟଜୀବୀଙ୍କ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସମୁଦ୍ରରେ ମାଛ ଧରିବା ସମୟରେ ମତ୍ସ୍ୟଜୀବୀମାନେ କୌଣସି ସନ୍ଦେହଜନକ ଗତିବିଧି ଲକ୍ଷ କଲେ ତୁରନ୍ତ ତଟରକ୍ଷୀ ବାହିନୀକୁ ଜଣାଇବାକୁ କୁହାଯାଇଥିଲା। ଏଥିସହ ମାଛ ଧରିବା ଓ ସୁରକ୍ଷା ସମ୍ପର୍କରେ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ ସଙ୍ଗଠନ ଆଖିର ପ୍ରମୁଖ ଅରୁଣ ପରିଡାଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ତାଳପଦାରେ ଶ୍ରୀଅରବିନ୍ଦ ପାଠଚକ୍ର

**କୁଜଙ୍ଗ,୨୫।୭(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ୍ ତାଳପଦାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଛି। ଶିକ୍ଷକ ନେତା ରବୀନ୍ଦ୍ର ପାଣିଙ୍କ ପୌରୋହିତ୍ୟ ତଥା ଆଇନଜୀବୀ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ଅରବିନ୍ଦ ଦର୍ଶନର ସାଧକ ଗିରିଧାରୀ ସାହୁ ଯୋଗଦେଇ ଦିବ୍ୟ ଜନନୀ ଶ୍ରୀ ମା' ଓ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟିରେ ଜନ୍ମଦିନର ମହତ୍ତ୍ୱ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଦାମୋଦର ସ୍ୱାଇଁ, ମୀନତି ନାୟକ, ବିଚିତ୍ରାନନ୍ଦ ପାଣି, ମାନସୀ ସାମନ୍ତରାୟ, ସ୍ୱର୍ଣ୍ଣଲତା ସାହୁ, ପ୍ରମୋଦ ମହାପାତ୍ର, ବୈକୁଣ୍ଠ ପଶାୟତ, ଦେବଦର୍ଶୀ ପାଣି ଓ ସୁବାସ ଚନ୍ଦ୍ର ପାଣି ପ୍ରମୁଖ ଯୋଗଦେଇ ଥିଲେ।

### ବସୁନ୍ଧରା ଯୋଜନାରେ ପଟ୍ଟା ମିଳିଲା, ଜମି ନାହିଁ

**ନାଉଗାଁ,୨୫।୭(ସ୍ୱ.ପ୍ର.):** ଭୂମିହୀନଙ୍କୁ ଭୂମି ଯୋଗାଇଦେବା ପାଇଁ ସରକାର ବସୁନ୍ଧରା ଯୋଜନା କରିଛନ୍ତି। ଏହି ଯୋଜନାରେ ଗରିବ ଭୂମିହୀନଙ୍କୁ ବାସଗୃହ ପାଇଁ ୧୦ ଡେସିମିଲ ଜାଗା ଓ ଏହାର ପଟ୍ଟା ପ୍ରଦାନ କରାଯାଉଛି। ଏହି ଯୋଜନାରେ ନାଉଗାଁ ବ୍ଲକ ଶାଳିଜଙ୍ଗାର ୧୪ ଆଦିବାସୀ ପରିବାରକୁ ୨୦୧୮ ଡିସେମ୍ବର ୧୨ରେ ପଟ୍ଟା ପ୍ରଦାନ କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ସେମାନଙ୍କୁ ସ୍ଥାନ ଚିହ୍ନଟ କରି ଦିଆଯାଇନାହିଁ। ତେଣୁ ସେମାନେ କେବଳ ପଟ୍ଟା ଧରି ବସିଥିବା ଦଳିତ ବିକାଶ ପରିଷଦ ଜଗତ୍‌ସିଂହପୁରର ସଭାପତି ଶଙ୍କର ଦାସ ଗୁରୁବାର ତହସିଲଦାର ଜେ.କଳ୍ପନାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ପଡ଼ାର ସଞ୍ଜୁ ସିଂ, ରମେଶ ସିଂ, ଗୀତାରାଣୀ ସିଂ, ତୋଫାନୀ ସିଂ, ମିଳନ ସିଂ, ଥିବିରା ସିଂ, ବାସନ୍ତୀ ସିଂ, ସେବତୀ ସିଂ, ଲକ୍ଷ୍ମୀ ସିଂ, ମମତା ସିଂ, ସୀତା ସିଂ, ମିନତୀ ସିଂ, ରବି ସିଂ ପ୍ରମୁଖ ପଟ୍ଟା ପାଇଛନ୍ତି। କିନ୍ତୁ ସ୍ଥାନ ନିରୂପଣ ହୋଇ ନ ଥିବାରୁ ବାସଗୃହ ନିର୍ମାଣ କରିପାରୁ ନାହାନ୍ତି। ସରକାରଙ୍କ ନିୟମାନୁସାରେ ୧୦ ଡେସିମିଲ ଜାଗା ଦେବାର ନିୟମ ଥିବାବେଳେ ତାହା ମଧ୍ୟ ପାଳନ କରାଯାଇନାହିଁ। ତେଣୁ ଜମି ପଟ୍ଟା ପାଇଥିବା ହିତାଧିକାରୀଙ୍କୁ ସ୍ଥାନ ଚିହ୍ନଟ କରିଦେବାକୁ ସେ ଦାବି କରିଛନ୍ତି। ଅଭିଯୋଗ ପତ୍ରର ନକଲ ଜଗତ୍‌ସିଂହପୁର ଜିଲାପାଳ ଓ ଉପ ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

### ଏସ୍‌ଏଚ୍‌ଜି ମହିଳାଙ୍କୁ ଚାରାରୋପଣ ପାଇଁ ସଚେତନତା

**ରଘୁନାଥପୁର,୨୫।୭ (ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ତରିକୁନ୍ଦ ପଞ୍ଚାୟତ ଦରିଆପୁର ଗ୍ରାମର ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ବନୀକରଣ ପାଇଁ ଏକ ସଚେତନତା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଇଫ୍‌କୋ ଓ ଆଇଏଫଏଫଡିସି ମିଳିତ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ସରପଞ୍ଚ ପୁଷ୍ପଲତା ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଇଏଫଏଫଡିସିର କ୍ଷେତ୍ର କର୍ମଚାରୀ ଅଜୟ କୁମାର ବଳବନ୍ତରାୟ ଯୋଗଦେଇ ପରିବେଶର ସନ୍ତୁଳନ ନିମନ୍ତେ ନୂତନ ଜଙ୍ଗଲ ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ ହୋଇପଡିଛି ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ କୋ ଅପରେଟିଭ ବ୍ୟାଙ୍କ ଶାଖା ପରିଚାଳକ ଅନିରୁଦ୍ଧ ଜେନା, ଆଇସିଡିଏସ ସୁପରଭାଇଜର ସଂଯୁକ୍ତା ଦାସ, ସ୍ଥାନୀୟ ସମବାୟ ସମିତି ସମ୍ପାଦକ ଶାରଦା ପ୍ରସନ୍ନ ଦାସ ଓ ସଂଯୋଜକ ପ୍ରତାପ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଏହି ଅବସରରେ ଚାରା ରୋପଣ କରାଯାଇଥିଲା। ପବିତ୍ର ବେହେରା, ସୌଭାଗ୍ୟ ବେହେରା, ମଣ୍ଟୁ ବେହେରା ଓ ବାସାଉଦ୍ଦିନ ଖାଁ ସହଯୋଗ କରିଥିଲେ।

■ ନିଜ ପକେଟ ଗରମ କରିବାରେ ବ୍ୟସ୍ତ ଅବକାରୀ କର୍ମଚାରୀ, ରାଜସ୍ୱ ଆଦାୟକୁ ଧ୍ୟାନ ନାହିଁ

# ଧାର୍ଯ୍ୟ ଲକ୍ଷ୍ୟର ଅଧା ବି ପୂରଣ ହେଉନି

**(ପ୍ରମୋଦ କୁମାର ନାୟକ)**
**ଜଗତ୍‌ସିଂହପୁର ଅଫିସ,୨୫।୭**

ଜଗତ୍‌ସିଂହପୁର ଜିଲାରେ ଦିନକୁ ଦିନ ବେଆଇନ ମାଦକ ଦ୍ରବ୍ୟ କାରବାର ବଢିଚାଲିଛି। ପୋଲିସ ଓ ଅବକାରୀ ବିଭାଗର ଅସାଧୁ କର୍ମଚାରୀମାନେ ଏହାକୁ ପ୍ରୋତ୍ସାହନ ପ୍ରଦାନ କରି ନିଜ ପକେଟ ଗରମ କରୁଥିବାବେଳେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ଯାହାକି ୨୦୧୮-୧୯ ଆର୍ଥିକ ବର୍ଷରେ ଆଦାୟ ହୋଇଥିବା ରାଜସ୍ୱ ପରିମାଣରୁ ସ୍ପଷ୍ଟ ହୋଇଛି। ରାଜ୍ୟ ସରକାର ଜଗତ୍‌ସିଂହପୁର ଜିଲା ଅବକାରୀ ବିଭାଗକୁ ଦେଇଥିବା ରାଜସ୍ୱ ଆଦାୟର ଲକ୍ଷ୍ୟ(ଟାର୍ଗେଟ୍)ର ମାତ୍ର ୪୧.୧୯% ପୂରଣ ହୋଇଛି। କେବଳ ରାଜସ୍ୱ ନୁହେଁ, ଜନ ସଚେତନତା ଉପରେ ମଧ୍ୟ ବିଭାଗ ଧ୍ୟାନ ଦେଉନାହିଁ। କେବଳ ଉପରଠାଉରିଆ ଭାବେ ସବୁ କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି।

ଜଗତ୍‌ସିଂହପୁର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୭-୧୮ରେ ଜିଲା ଅବକାରୀ ବିଭାଗକୁ ୨୧ କୋଟି ୫୦ ଲକ୍ଷ ଟଙ୍କା ରାଜସ୍ୱ ଆଦାୟର ଲକ୍ଷ୍ୟ ଦିଆଯାଇଥିଲା। କିନ୍ତୁ ରାଜସ୍ୱ ଆଦାୟ ହୋଇଥିଲା ୧୬,୯୪,୬୨,୦୮୬ ଟଙ୍କା, ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୭୮.୮୧%। ତେଣୁ ପରବର୍ଷ ଅର୍ଥାତ୍ ୨୦୧୮-୧୯ରେ ଧାର୍ଯ୍ୟଲକ୍ଷ୍ୟ ୧୮ କୋଟି ଟଙ୍କାକୁ କମାଇ ଦିଆଯାଇଥିଲା। ଆଶା ଥିଲା ଏହି ଲକ୍ଷ୍ୟ ପୂରଣ ହୋଇଯିବ। କିନ୍ତୁ ଯାହା ରାଜସ୍ୱ ଆଦାୟ ହୋଇଛି ତାହା ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାକୁ ପଦାରେ ପକାଇ ଦେଇଛି। କାରଣ ଧାର୍ଯ୍ୟ ଲକ୍ଷ୍ୟର ୫୦ ପ୍ରତିଶତ ମଧ୍ୟ ପୂରଣ ହୋଇପାରିନି। ମାତ୍ର ୭,୪୧,୪୯,୧୯୦ ଟଙ୍କା ଅର୍ଥାତ୍ ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୪୧.୧୯% ଆଦାୟ ହୋଇଛି। ଏହାକୁ ନେଇ ନାନା କଥା ଆଲୋଚନା ହେଉଛି। କୁହାଯାଉଛି ପୋଲିସ ଓ ଅବକାରୀ ବିଭାଗର ଅଧାଧୁ କର୍ମଚାରୀମାନେ ଏଥିପାଇଁ ଦାୟୀ। ସେମାନଙ୍କ ପ୍ରୋତ୍ସାହନରେ ବେଆଇନ୍ ମାଦକ ଦ୍ରବ୍ୟ କାରବାର ଚାଲିଥିବାରୁ ସରକାର ରାଜସ୍ୱ ହରାଉଛନ୍ତି। ଜିଲାରେ ବେଆଇନ୍ ଦେଶୀ ଓ ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ, ଅଫିମ, ଏପରି କି ବ୍ରାଉନ ସୁଗାର କାରବାର କାୟା ମେଲିଛି। କିନ୍ତୁ ବିଭାଗ ପକ୍ଷରୁ ମଝିରେ ମଝିରେ ଉପରଠାଉରିଆ ଚଢାଉ କରାଯାଉଛି। ଚୋରା ବ୍ୟବସାୟୀଙ୍କଠାରୁ ଅସାଧୁ କର୍ମଚାରୀମାନେ ମାସିକିଆ ଚାନ୍ଦା ନେଇ ମାତ୍ରାଧିକ ଅନୁକମ୍ପା ଦେଖାଉଛନ୍ତି। ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ଅସାଧୁ କର୍ମଚାରୀମାନେ ଚୋରା ମାଦକଦ୍ରବ୍ୟ କାରବାରରେ ପରୋକ୍ଷରେ ସମ୍ପୃକ୍ତ ରହୁଛନ୍ତି। ଏହା ଜାଣି ମଧ୍ୟ ବିଭାଗୀୟ ଅଧିକାରୀ ନୀରବ ରହୁଛନ୍ତି। ଏହାବାଦ୍ ପ୍ରତିବର୍ଷ ଅବକାରୀ ବିଭାଗ ପକ୍ଷରୁ ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ କେତେ ମାମଲା ରୁଜୁ କରିବାକୁ ପଡିବ ସେ ସମ୍ପର୍କରେ ଟାର୍ଗେଟ୍ ଦିଆଯାଉଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମଧ୍ୟ ଧାର୍ଯ୍ୟ ମାମଲା ସଂଖ୍ୟା ପୂରଣ ପାଇଁ ନିର୍ଦ୍ଦେଶ ରହିଛି। ତେବେ କୌଶଳ କ୍ରମେ ଅଧିକାରୀମାନେ ଏହି ଲକ୍ଷ୍ୟ ପୂରଣରେ ସଫଳ ହେଉଛନ୍ତି। ଯେଉଁମାନଙ୍କଠାରୁ ମାସିକିଆ ଚାନ୍ଦା ଆଦାୟ କରାଯାଉଛି ସେମାନଙ୍କ ନାମରେ କୋହଳ ମାମଲା ରୁଜୁ କରାଯାଉଛି। ଏହା ଦ୍ୱାରା ମାମଲା ସଂଖ୍ୟା ପୂରଣ ହେବା ସହ ଅଭିଯୁକ୍ତ ସହଜରେ ଜାମିନ ପାଉଛନ୍ତି। ଜାମିନ ମିଳିଗଲା ପରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେବାରେ ଅସୁବିଧା ହେଉନି। କାରଣ ବିଭାଗୀୟ ଅଧିକାରୀମାନେ କୋର୍ଟରେ କୋହଳ ଚାର୍ଜସିଟ୍ ଦାଖଲ କରୁଛନ୍ତି ଓ ଅଭିଯୁକ୍ତ ନିର୍ଦ୍ଦୋଷ ପ୍ରମାଣିତ ହେଉଛନ୍ତି। ଅନେକ ସମୟରେ ବିଭାଗୀୟ ଅଧିକାରୀମାନେ ମିଛ ଗିରଫ ଦର୍ଶାଇ ଲୋକଙ୍କୁ ଭକୁଆ ବନାଉଛନ୍ତି। ଯେତେବେଳେ ଜନ ଅସନ୍ତୋଷ ଦାନାବାନ୍ଧୁଛି, ସେତେବେଳେ ଅଧିକାରୀମାନେ ଅଭିଯୁକ୍ତଙ୍କ ନାଁରେ ଏକାଧିକ ମାମଲା ଥିବା କହି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପକ୍ଷରେ ଏହି ଅସାଧୁ କର୍ମଚାରୀମାନେ ମୋଟା ଅଙ୍କର ଦରମା ଓ ଆନୁସଙ୍ଗିକ ସୁବିଧା ପାଉଥିଲେ ମଧ୍ୟ ସରକାରଙ୍କ ସହ ବିଶ୍ୱାସଘାତ କରୁଛନ୍ତି। ଅନ୍ୟ ଏକ ପ୍ରସଙ୍ଗ ହେଲା ପୋଲିସ କୌଣସି ମାମଲା କଲେ ପ୍ରିଲିମିନାରୀ ସାର୍ଜସିଟ୍ ଦିଏ। ଶେଷରେ ଫାଇନାଲ ଚାର୍ଜସିଟ୍ ଦେଇଥାଏ। କିନ୍ତୁ ଅବକାରୀ ବିଭାଗ ଥରକରେ ଫାଇନାଲ ଚାର୍ଜସିଟ୍ ଦେଇଥାଏ। ଯେହେତୁ ୬ ମାସ ଭିତରେ ସାର୍ଜସିଟ୍ ଦେବାକୁ ପଡୁଛି, ତେଣୁ ଅବକାରୀ ବିଭାଗର ଅସାଧୁ କର୍ମଚାରୀମାନେ ଏ ବାଟରେ ମଧ୍ୟ ମୋଟା ଅଙ୍କର ଲାଞ୍ଚ ଦାବି କରିଥାନ୍ତି। ଯେଉଁମାନେ ଟଙ୍କା ଦେବାରେ ବିଳମ୍ବ କରିଥାନ୍ତି, ସେମାନଙ୍କ ଚାର୍ଜସିଟ୍ ଦାଖଲରେ ମଧ୍ୟ ଜାଣିଶୁଣି ବିଳମ୍ବ କରାଯାଉଥିବା ଚର୍ଚ୍ଚା ହେଉଛି। ସେହିପରି ବଜାରରେ ଅନେକ ସମୟରେ ନିଷିଦ୍ଧ ମାଦକଦ୍ରବ୍ୟ ବିକ୍ରି ହେଉଛି। ଏହା ସେବନ କଲେ ଜୀବନ ପ୍ରତି ବିପଦ ଥାଏ। ଅତୀତରେ ବିଷାକ୍ତ ମଦ ପାନ ଯୋଗୁ ଅନେକଙ୍କ ମୃତ୍ୟୁ ହୋଇଛି। ତେଣୁ ବିଭାଗ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ରହିଛି। ଜିଲାରେ ଜିଲାପାଳଙ୍କ ନେତୃତ୍ୱରେ ଏକ ମଲ୍ଟି ଡିସିପ୍ଲିନାରୀ ସ୍କ୍ୱାର୍ଡ ଗଠନ କରାଯାଇଛି। ଏଥିରେ ଅବକାରୀ, ପୋଲିସ, ବନ ଅଧିକାରୀ ସମେତ ଭେଷଜ ନିରୀକ୍ଷକ ରହିଛନ୍ତି। ସ୍କ୍ୱାର୍ଡ ତରଫରୁ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ୱୟଂସହାୟିକା ଗୋଷ୍ଠୀ ଓ ପଞ୍ଚାୟତରାଜ ସଙ୍ଗଠନ ମାଧ୍ୟମରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବା କଥା। ଏନେଇ ବାର୍ଷିକ ପାଖାପାଖି ୨ ଲକ୍ଷ ଟଙ୍କା ଅନୁଦାନ ଆସୁଛି। କିନ୍ତୁ ଉପରଠାଉରିଆ ଭାବେ ଏକ ରଥ ବୁଲାଯାଇ ମୋଟା ଅଙ୍କର ଅର୍ଥ ଆତ୍ମସାତ କରାଯାଉଛି । ଏ ସମ୍ପର୍କରେ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ରତିକାନ୍ତ ପଣ୍ଡା କହିଛନ୍ତି ଯେ, ସଚେତନତା ସୃଷ୍ଟି ପାଇଁ ଯେଉଁ ଅର୍ଥ ଆସୁଛି, ସେଥିରେ ରଥ ପରିକ୍ରମା ସହ ୨ଟି କାର୍ଯ୍ୟକ୍ରମ ହେଉଛି। ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ଚଢ଼ାଉ କରାଯିବା ସହ ବେଆଇନ୍ ମାଦକ ଦ୍ରବ୍ୟ କାରବାର କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସରକାର ଏକ୍ସାଇଜ୍ ଡ୍ୟୁଟି କମାଇ ଦେଇଥିବାରୁ ରାଜସ୍ୱ ଆଦାୟ ହ୍ରାସ ପାଇଥିବା ସେ କହିଛନ୍ତି।

■ବେଆଇନ ମାଦକ ଦ୍ରବ୍ୟ କାରବାରକୁ ପ୍ରୋତ୍ସାହନ
■ସଚେତନତା କାର୍ଯ୍ୟକ୍ରମ ପ୍ରହସନ

## ଜଳସେଚନ ଅବ୍ୟବସ୍ଥା ସମ୍ପର୍କରେ ଜିଲାପାଳଙ୍କୁ ଅଭିଯୋଗ

**ରଘୁନାଥପୁର,୨୫।୭ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଥିବା ଜଳସେଚିତ କେନାଲଗୁଡ଼ିକ ସଫେଇ କରା ନ ଯିବା ଏବଂ ସଫେଇ ହୋଇଥିବା କେନାଲରେ ଆବଶ୍ୟକ ମୁତାବକ ପାଣି ଛଡ଼ା ନ ଯିବାକୁ ନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ସଙ୍ଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ଅଭିଯୋଗ ଅନୁଯାୟୀ, ଜିଲାରେ ବର୍ଷାର ଅନିୟମିତତା ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଜଳସେଚନ ବିଭାଗର ଉଦାସୀନତା ଚାଷୀଙ୍କ ପାଇଁ ଦୁର୍ବିଷହ ହୋଇପଡିଛି। ମାଛଗାଁ କେନାଲର ୭ ଓ ୮ ନମ୍ବର ମାଇନର କେନାଲ ଏବଂ ତାଳଦଣ୍ଡା କେନାଲ ୧୦ ନଂ. ମାଇନର କେନାଲର ବ୍ରାଞ୍ଚ ଓ ସବ୍‌ବ୍ରାଞ୍ଚ କେନାଲଗୁଡ଼ିକ ଅଦ୍ୟାବଧି ଅନେକ ସ୍ଥାନରେ ସଫେଇ କରାଯାଇନାହିଁ। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଣୁ ବିଭାଗୀୟ ଅଧିକାରୀମାନେ ସକ୍ରିୟ ହୋଇ ତୁରନ୍ତ କେନାଲର ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚାଇବାର ବ୍ୟବସ୍ଥା କରିବାକୁ ସଭାପତି ଜେନା, ସମ୍ପାଦକ ଇଂ. ବାବାଜୀ ଚରଣ ଜେନା, କର୍ମକର୍ତ୍ତା ବିନୋଦ ବିହାରୀ ମହାନ୍ତି ପ୍ରମୁଖ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମାଧାନ ଦାବିରେ ବିକ୍ଷୋଭ



ଉତ୍କଳ ମହିଳା ସମିତି ଓ ସିପିଆଇ ଜୋନାଲ୍ କମିଟି ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କୁଜଙ୍ଗ,୨୫।୭(ସ୍ୱ.ପ୍ର)**

କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସାଙ୍ଗକୁ ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ସମାଧାନ ଦାବିରେ ଗୁରୁବାର ଉତ୍କଳ ମହିଳା ସମିତି ଓ ସିପିଆଇ ଜୋନାଲ କମିଟି ପକ୍ଷରୁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ଆବଶ୍ୟକ ଡାକ୍ତର ନିଯୁକ୍ତି, ଇସିଜି ଓ ଏକ୍ସରେ ମେଶିନ ପ୍ରତିଷ୍ଠା, ସାପ କାମୁଡା ଓ କୁକୁର କାମୁଡା ଇଞ୍ଜେକ୍ସନ ରଖିବା, ଲାବ୍ରୋଟାରୀ ସୁବିଧା ସହ ରୋଗୀଙ୍କୁ କପଡ଼ା ପ୍ରଦାନ, ମେଡିକାଲକୁ ଆବର୍ଜନା ମୁକ୍ତ କରିବା, ସୁସ୍ଥ ପରିବେଶ, ଆଶାଙ୍କୁ ବିଶ୍ରାମ ଗୃହ ସହ ବିଭିନ୍ନ ଆନୁସଙ୍ଗିକ ସୁବିଧା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ମହିଳା ସମିତିର ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀଙ୍କ ନେତୃତ୍ୱରେ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ବନଲତା ଜେନା, ହାରାମଣି ସୂତାର, ସୁଷମା ମହାପାତ୍ର, ମମତା ମହାନ୍ତି, ରଞ୍ଜିତା ବେହେରା, କୌଶଲ୍ୟା ସାମନ୍ତରାୟ, ସୌଦାମିନୀ ସ୍ୱାଇଁ, ସରୋଜିନୀ ସ୍ୱାଇଁ, ଜାନକୀବାଳା ସ୍ୱାଇଁ, ସୁଲୋଚନା ପଲାଇ, ବବିତା ରାୟ, ସଞ୍ଜୁକ୍ତା ବେହେରା, ସୁଜାତା ସ୍ୱାଇଁ, ଅପରାଜିତା ପଲାଇ, ରଞ୍ଜିତା ମାଝୀ ଓ ବନିତା ପରିଡା ବିକ୍ଷୋଭରେ ସାମିଲ ହୋଇଥିଲେ। ଯଦି ତୁରନ୍ତ ଜିଲା ସ୍ୱାସ୍ଥ୍ୟ ବିଭାଗ ଏନେଇ ପଦକ୍ଷେପ ଗ୍ରହଣ ନ କରେ ତେବେ ଆଗାମି ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସାହାଣୀ ଚେତାବନୀ ଦେଇଛନ୍ତି। ସିପିଆଇ ଜୋନ୍ ସମ୍ପାଦକ ଶରତ ବେହେରା, ଶ୍ରମିକ ନେତା ସୁବାସ ମହାପାତ୍ର, ଅଜୟ ବେହେରା, ହୃଷିକେଶ ନାଥ ଓ ରବି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତିସଭା

**ନାଉଗାଁ,୨୫।୭(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ବାଲିମଝିପଡ଼ା ସ୍କୁଲର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈରାଗୀ ବିଶ୍ୱାଳଙ୍କ ବିୟୋଗରେ ଗୁରୁବାର ବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଏଥିରେ ବାଲିଗାଁ ଓ ମଝିପଡା ଗ୍ରାମବାସୀ ଯୋଗ ଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ବିଶ୍ୱାଳ ଏହି ଦୁଇ ଗ୍ରାମର ପିଲାମାନଙ୍କୁ ଶିକ୍ଷିତ କରିବା ପାଇଁ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ଯାହାକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ ହୋଇଛି। ଏଠାରେ ପିଲାମାନେ ଉନ୍ନତ ଶିକ୍ଷାଲାଭ କରିପାରୁଛନ୍ତି ବୋଲି ଅଭିଭାବକମାନେ କହିଥିଲେ। ଏହି ଅବସରରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ବିଦ୍ୟାଳୟକୁ ଦିନକ ପାଇଁ ବନ୍ଦ କରାଯାଇଥିଲା। ପୂର୍ବତନ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଗଣେଶ୍ୱର ପରିଡା, ବୈରାଗୀ ମହାରଣା, ବିଭୁତି ସାହାଣୀ, ନାରାୟଣ ମହାନ୍ତି, ଭୋବନୀ ସାହୁ, ଆଲୋକ ଦାସ, ପ୍ରଧାନ ଶିକ୍ଷକ ଭରତ ଚରଣ ଜେନା, ଶିକ୍ଷକ କୃତ୍ତିବାସ ରାଉତ, ଶିକ୍ଷୟିତ୍ରୀ ଅଞ୍ଜନା ମଲ୍ଲିକ, ପଦ୍ମାବତୀ ସିଂ, ସ୍ୱର୍ଣ୍ଣଲତା ବରାଳଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ୪ ବଖରା ଜଳିଗଲା



ପୋଡ଼ି ଯାଇଥିବା ଘର।

**ବିରିଡ଼ି,୨୫।୭(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଅଡଙ୍ଗଗଡ଼ ପଞ୍ଚାୟତରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ହନିଫ ଖାଁଙ୍କ ୪ ବଖରା ଘର ପୋଡ଼ିଯାଇଛି। ଏଥିସହ ତାଙ୍କର ୩ ଗାଈ, ୪ ବାଛୁରୀ ଓ ୨୦ଟି ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏକ ଲୁନା ସହ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ବଜ୍ରପାତ ଯୋଗୁ ଏଭଳି ହୋଇଥିବା ଅନୁମାନ କରାଯାଉଛି। ବିପନ୍ନ ପରିବାର ପଡ଼ୋଶୀ ଘରେ ଆଶ୍ରୟ ନେଇଛନ୍ତି। ବିରିଡ଼ି ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ପହଞ୍ଚିଲା ବେଳକୁ ସବୁକିଛି ପୋଡ଼ିଯାଇଥିଲା। ଗୁରୁବାର ବିରିଡ଼ି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ, ଆଡିସନାଲ ତହସିଲଦାର ସୌମ୍ୟା ପଟ୍ଟନାୟକ ପ୍ରମୁଖ ବିପନ୍ନ ପରିବାରକୁ ୩ଟି ପଲିଥିନ ଦେଇଛନ୍ତି। ସନ୍ଧ୍ୟାରେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ବିପନ୍ନଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଜଗତ୍‌ସିଂହପୁର ଜିଲା ଛାତ୍ର ବିଜେଡି ସମ୍ପାଦକ ବିଜୟ ଶଙ୍କର ଦାସ ବିପନ୍ନଙ୍କ ପାଖରେ ପହଞ୍ଚି ହନିଫଙ୍କ ସ୍ତ୍ରୀ ନସମିନ ବିବିଙ୍କୁ ଏହି ଟଙ୍କା ଦେଇଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରବିନାରାୟଣ ଜେନା, ଜିଲ୍ଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, ପୂର୍ବତନ ବ୍ଲକ ବିଜେଡି ସଭାପତି ବିଭୂଦତ୍ତ ସାହୁ, ଜିଲ୍ଲା ସଂଖ୍ୟାଲଘୁ ସେଲ ସଭାପତି ମୀର ଆଜମୀର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

**୩ ଗାଈ ବାଛୁରୀ, ୨୦ ଛେଳି ଜୀବନ୍ତ ଦଗ୍ଧ**

ନେହେରୁ ବଙ୍ଗଳାରେ ୨ଜଣଙ୍କୁ ପଥରରେ ଛେଚି ହତ୍ୟା ଘଟଣା

## ୨୬ ଦିନ ପରେ ବି ସୁରାକ ପାଉନି ପୋଲିସ

**ପାରାଦୀପ,୨୫।୭(ସ୍ୱ.ପ୍ର.)**

କଟକରେ ଗତ ୨ ଦିନ ମଧ୍ୟରେ ୩ ଜଣ ଦିନମଜୁରିଆ ତଥା ଫୁଟ୍‌ପାଥରେ ଶୋଉଥିବା ଲୋକଙ୍କୁ ଅତି ବିଭତ୍ସ ଭାବେ ଗଳାକାଟି ହତ୍ୟା କରାଯିବା ଘଟଣା ସମସ୍ତଙ୍କ ଆଶ୍ଚର୍ଯ୍ୟ କରିଛି। ଘଟଣା ପରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଜୋରଦାର କରାଯିବା ସହ ସହରର ନିରାଶ୍ରୟ ତଥା ଫୁଟପାଥରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ତେବେ ୨୬ଦିନ ତଳେ ପାରାଦୀପରେ ମଧ୍ୟ ଏଭଳି ସମାନ ଘଟଣା ଘଟିଥିଲା। ପାରାଦୀପର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମେରାଇନ ଥାନା ସମ୍ମୁଖ ନେହେରୁ ବଙ୍ଗଳାରେ ଗତ ମାସ ୩୦ ତାରିଖରେ ୨ ଜଣଙ୍କୁ ଅତି ବିଭତ୍ସ ଭାବେ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏହି ଘଟଣା ଅଦ୍ୟାବଧି ରହସ୍ୟାବୃତ ହୋଇ ରହିଛି। ହତ୍ୟାର ଶିକାର ହୋଇଥିବା ୨ ଜଣଙ୍କ ପରିଚୟ ମିଳିନାହିଁ କି ହତ୍ୟାକାରୀ ସମ୍ପର୍କରେ କାଣିଚାଏ ତଥ୍ୟ ପୋଲିସ ପାଖରେ ନାହିଁ। ଓଲଟି ଦୁଇ ମୃତକଙ୍କୁ ମାନସିକ ବିକାରଗ୍ରସ୍ତ ଦର୍ଶାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ହାତବାନ୍ଧି ବସିଛି। ସୂଚନାଯୋଗ୍ୟ, ମେରାଇନ ଥାନାଠାରୁ ୨୦୦ ମିଟର ବ୍ୟବଧାନରେ ୨୯ ତାରିଖ ମଧ୍ୟରାତ୍ରରେ କେହି ଦୁର୍ବୃତ୍ତ ଦୁଇ ଜଣଙ୍କୁ ହତ୍ୟା କରିଥିଲେ। ୩୦ ତାରିଖ ସକାଳେ ଏହା ଜଣାପଡିଥିଲା। ରକ୍ତ ଦାଗ ଓ ପାରିପାର୍ଶ୍ୱିକ ସ୍ଥିତିରୁ ସ୍ପଷ୍ଟ ଜଣାପଡିଥିଲା ଯେ କେହି ସେମାନଙ୍କୁ ପଥରେ ଛେଚି ହତ୍ୟା କରିଛି ଓ ଦୁଇ ମୃତଦେହ କିଛି ବାଟ ଘୋସାରି ନେଇ ପକାଇଛି। ମୃତ ୨ଜଣଙ୍କ ବେଶଭୁଷାରୁ ଜଣାପଡୁଥିଲା ଯେ ସେମାନେ ମାନସିକ ବିକାରଗ୍ରସ୍ତ। ଯଦି ସେମାନେ ମାନସିକ ବିକାରଗ୍ରସ୍ତ ତେବେ ସେମାନଙ୍କୁ କାହିଁକି ପଥରେ ଛେଚି ହତ୍ୟା କରାଯାଇଛି। ଅନ୍ୟ ଏକ ପ୍ରସଙ୍ଗ ହେଲା ହତ୍ୟାକାଣ୍ଡ ସ୍ଥଳରେ ଦୀର୍ଘବର୍ଷ ହେଲା ଦେଶୀ ମଦ, ହାଣ୍ଡିଆ ଆଦି ବେପାର ଖୋଲାଖୋଲି ଭାବେ ଚାଲିଛି। ଜଙ୍ଗଲିଆ ପରିବେଶ ମଧ୍ୟରେ ଏପରି ଅବକାରୀ କାରବାର ଓ ନିଶାଶକ୍ତଙ୍କ ଯୋଗୁ ସେଠାରେ ଅଧିକାଂଶ ସମୟ ଗଣ୍ଡଗୋଳ ଘଟିଥାଏ। ଥାନା ସମ୍ମୁଖରେ ଏହି କାରବାର ବେପରୁଆ ଭାବେ ଚାଲିଥିଲେ ହେଁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏ ସମ୍ପର୍କରେ ମେରାଇନ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ବେହେରା କହିଛନ୍ତି ଯେ, ଉକ୍ତ ଘଟଣାର ତଦନ୍ତ ଚାଲିଛି। କିନ୍ତୁ କିଛି ସୁରାକ ମିଳିନାହିଁ। ଏପରିକି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଏଯାଏ ଆସିନାହିଁ। ରିପୋର୍ଟ ପରେ ଯାହା କିଛି କରାଯିବ ବୋଲି ସେ କହିଛନ୍ତି।

■ କେନାଲରେ ପାଣି ଆସୁ ନ ଥିବାରୁ ବଢୁଛି ସମସ୍ୟା

# ଶୁଖିଗଲାଣି ୭୦ ପ୍ରତିଶତ ତଳି ଘେରା

**ରଘୁନାଥପୁର,୨୫।୭(ଡି.ଏନ୍.ଏ.)**

ଶ୍ରାବଣ ମାସରେ ମଧ୍ୟ ଆଶାନୁରୂପ ବର୍ଷା ନାହିଁ। ଫଳରେ ଚଳିତ ଖରିଫ ଋତୁରେ ଧାନଚାଷ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅଞ୍ଚଳରେ ମାଛଗାଁ କେନାଲ ନଂ.୬, ୭ ଓ ୮ରେ ପାଣି ଆସୁ ନ ଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ଏହି ଅଞ୍ଚଳରେ ଅଳ୍ପ କେତେକ ଜମିକୁ ଛାଡ଼ିଦେଲେ ପ୍ରାୟ ୭୦ ପ୍ରତିଶତ ତଳି ଘେରା ଜଳ ଅଭାବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି।

ଧାର୍ଯ୍ୟ ସମୟରେ ଧାନ ଚାଷ ନ ହୋଇପାରିଲେ ବର୍ଷକ ଆହର କିପରି ଯୋଗାଡ଼ କରିବେ ତାହା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଏଥିପାଇଁ ଜଳସମ୍ପଦ ବିଭାଗର କାର୍ଯ୍ୟଦକ୍ଷତା ଓ ଅପାରଗତାକୁ ଦାୟୀ କରିଛି ନବନିର୍ମାଣ କୃଷକ ସଙ୍ଗଠନ। ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି ଯେ, ଖରିଫ ଋତୁରେ କେନାଲରେ ପାଣି ସମସ୍ୟାକୁ ଆଖି ଆଗରେ ରଖି ଯଥେଷ୍ଟ ପୂର୍ବରୁ ଏହାର ପ୍ରତିକାର ପାଇଁ ଜଳସମ୍ପଦ ଓ ଡ୍ରେନେଜ୍ ବିଭାଗକୁ ସତର୍କ କରାଯାଇଥିଲା। କିନ୍ତୁ ବିଭାଗୀୟ ଯନ୍ତ୍ରୀ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ପରିଣାମ ସ୍ୱରୂପ ଜଳସେଚନ ସୁବିଧା ଥାଇ ମଧ୍ୟ ୬, ୭ ଓ ୮ ନଂ. କେନାଲ ତଥା ଏହାର ଶାଖା ଓ ଉପଶାଖା କେନାଲରେ ପାଣି ଆସୁନାହିଁ। ସଙ୍ଗଠନର କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା କହିଛନ୍ତି ଯେ, କେନାଲ ଠିକ୍ ସମୟରେ ସଫେଇ କରାଯାଇନାହିଁ। ବିଭିନ୍ନ ସ୍ଥାନରେ ନିର୍ମିତ ପୋଲ ପାଇଁ କେନାଲ ମଧ୍ୟରେ ମାଟି ପକାଇ ରଖାଯାଇଛି। ସାତପୁରାରୁ ବାହାରିଥିବା ୬ନଂ. ମାଇନର କେନାଲର ୧୨ଟି ରାଜସ୍ୱ ଗ୍ରାମ, ନୂଆଦାରୁ ବାହାରିଥିବା ୭ ନଂ. କେନାଲର ୨୦ଟି ରାଜସ୍ୱ ଗ୍ରାମ ଓ ଶେଖପାଟଣାରୁ ବାହାରିଥିବା ୮ ନଂ. କେନାଲର ୩୦ରୁ ଊର୍ଦ୍ଧ୍ୱ ଗ୍ରାମରେ ମାତ୍ର ୧୦ ପ୍ରତିଶତ ଚାଷ କାର୍ଯ୍ୟ ହୋଇପାରିଛି। ଏ ସମ୍ପର୍କରେ ୬ ଓ ୭ ନଂ. କେନାଲ ଦାୟିତ୍ୱରେ ଥିବା ଏସ୍‌ଡିଓ ଦଳପତି ମଣ୍ଡଳ ଉଭୟ ଚାଷୀ ଓ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଚାଷୀମାନଙ୍କୁ ନେଇ ପାଣି ପଞ୍ଚାୟତ ଗଠନ କରାଯାଇଛି। କେନାଲ ସଫେଇ କାର୍ଯ୍ୟ ପାଣି ପଞ୍ଚାୟତ ଦାୟିତ୍ୱରେ ଥିଲା। ସେମାନେ ସଫେଇ କରିବାରେ ବିଳମ୍ବ କରିବାରୁ ପାଣି ଛାଡ଼ିବାରେ ଡେରି ହେଲା। ସେହିପରି ଦାୟିତ୍ୱରେ ଥିବା ଯନ୍ତ୍ରୀ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରି ନ ଥିବା ଏସ୍‌ଡିଓ ମଣ୍ଡଳ ସ୍ୱୀକାର କରିଛନ୍ତି। ଜଳସମ୍ପଦ ବିଭାଗ ଏକଜିକ୍ୟୁଟିଭ ଇଞ୍ଜିନିୟର ଉମାକାନ୍ତ ମହାନ୍ତି ବ୍ୟାରେଜ୍‌ରୁ ଆବଶ୍ୟକ ମୁତାବକ ପାଣି ଆସୁ ନ ଥିବା ଏବଂ ଏପରି ଅବସ୍ଥା ଲାଗି ରହିଲେ ଆଗାମୀ ଦିନରେ ଉତ୍କଟ ଜଳ ସମସ୍ୟା ଦେଖାଦେବ ବୋଲି ପ୍ରକାଶ କରିଛନ୍ତି। ତେବେ କେନାଲରେ ଛଡ଼ା ଯାଉଥିବା ପାଣିକୁ ଠିକ୍ ଭାବେ ବିନିଯୋଗ କରିବାକୁ ମହାନ୍ତି ପାଣି ପଞ୍ଚାୟତଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ କୃଷକ ସଙ୍ଗଠନ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି।



ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଚାଷ ଜମିକୁ ଯାଇ କୃଷକମାନଙ୍କ ସହ ଆଲୋଚନା କରୁଛନ୍ତି।

■ବର୍ଷକ ଆହାର ନେଇ ଚିନ୍ତାରେ ଚାଷୀ
■ଜଳ ସମ୍ପଦ ବିଭାଗକୁ ଦାୟୀ କଲା ନବନିର୍ମାଣ କୃଷକ ସଙ୍ଗଠନ



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କ୍ଲିନ



## ସଂକ୍ଷେପରେ

### ୨ ଚୋର ଗିରଫ, ୬ ବାଇକ୍ ଉଦ୍ଧାର



**ଯାଜପୁର ରୋଡ,୨୫।୭(ନିପ୍ର):** ଯାଜପୁରରୋଡ଼ ପୋଲିସ ଗୁରୁବାର ଦୁଇ ବାଇକ୍ ଚୋରଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୬ଟି ବାଇକ୍ ଉଦ୍ଧାର କରିଛି। ଗିରଫ ବ୍ୟକ୍ତି ହେଲେ ଯଖପୁରାର ସନ୍ତୋଷ ସେଠୀ ଓ ଆଲିଆର ଦେବାଶିଷ ବଳ। ପ୍ରକାଶ ଯେ, ଯାଜପୁର ରୋଡ଼ ଓ ବିଭିନ୍ନ ସ୍ଥାନରେ ବାଇକ ଚୋରି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ବାଇକ୍ ଚୋରଙ୍କୁ ଧରିବା ପାଇଁ ପୋଲିସ୍ ବିଭିନ୍ନ କୌଶଳ ଅବଲମ୍ବନ କରିଥିଲା। ଗୁରୁବାର ମୁଣ୍ଡମାଳଠାରେ ଦେବାଶିଷ, ସନ୍ତୋଷଙ୍କୁ ଗିରଫ କରି ସେମାନଙ୍କଠାରୁ ବାଇକ୍ ଚୋରି ସମ୍ପର୍କରେ ଅନେକ ତଥ୍ୟ ହାସଲ କରିଛି। ଏଥିରେ ଅନେକ ଜଣ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଆହୁରି ଅଧିକ ବାଇକ୍ ଉଦ୍ଧାର ହେବାର ସମ୍ଭାବନା ରହିଛି। ଯାଜପୁର ରୋଡ଼ ଥାନାଧିକାରୀ ଅନିଲ୍ କୁମାର ମହାନ୍ତି ଓ ପବିତ୍ର ମହାରଣା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାଇକ୍ ଚୋରଙ୍କୁ ଠାବ କରିଥିଲେ। ପୋଲିସ୍ କେସ୍ ନଂ ୨୦୧୦/୧୯ରେ ଦୁଇଜଣ ଚୋରଙ୍କୁ ଯାଜପୁର ରୋଡ଼ କୋର୍ଟକୁ ପଠାଇଥିଲା।

### ପ୍ରେସ୍ କ୍ଲବର ସାଧାରଣ ବୈଠକ ଅନୁଷ୍ଠିତ

**ଧର୍ମଶାଳା,୨୫।୭(ଡି.ଏନ୍.ଏ.):** ଧର୍ମଶାଳା ପ୍ରେସ୍ କ୍ଲବର ଏକ ସାଧାରଣ ବୈଠକ ଜାରକାସ୍ଥିତ ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇନ୍ଦ୍ରମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରେସ୍ କ୍ଲବର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ଉପସଭାପତି ଗୁଲାମ ଗସ୍ ପ୍ରମୁଖ ଯୋଗଦେଇ ପ୍ରେସ୍ କ୍ଲବର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ପ୍ରଥମେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ସମସ୍ତେ ନିନ୍ଦା କରିବା ସହ ଦୁଃଖ ପ୍ରକାଶ କରିଥିଲେ। ଏହି ଅବସରରେ ଆସନ୍ତା ବର୍ଷ ପ୍ରେସ୍ କ୍ଲବରେ ହେବାକୁଥିବା ନରହରି ମହାନ୍ତି ଶ୍ରାଦ୍ଧବାର୍ଷିକୀ ତଥା ବାର୍ଷିକୋତ୍ସବ ଆଡମ୍ବର ସହକାରେ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ୍ କ୍ଲବ ସଭ୍ୟ ମାନସରଞ୍ଜନ ଜେନା, ଅଖିଳ କୁମାର ସ୍ୱାଇଁ, ଅବିନେଶ୍ୱର ଶତପଥୀ, ପ୍ରଶାନ୍ତ ଗନ୍ତାୟତ, କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, କ୍ଷୀରୋଦ ମୁଦୁଲି, ଅକ୍ଷୟ ରାଉତ, ବିବେକାନନ୍ଦ ରାୟ, କିଶୋର ରାଉତ, ଅନିଲ କୁମାର ନାୟକ, ରଶ୍ମିରଞ୍ଜନ ରାୟ, ପ୍ରସନ୍ନ ପାଣି ଓ ବିନୋଦ କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ ବିକ୍ରମ କେଶରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବେଧଡ଼କ ଚାଲିଛି ବେଆଇନ ପଥର ଖାଦାନ, କ୍ରଶର

# ଏସ୍‌ଟିଏଫ୍‌ର ପଡୁନି ନଜର

**ଯାଜପୁର ଅଫିସ,୨୫।୭**

ସମ୍ପ୍ରତି ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ଚାଲିଥିବା ପଥର ଖାଦାନ ଓ କ୍ରଶରଗୁଡ଼ିକ ଉପରେ ଏସ୍‌ଟିଏଫ(ସ୍ପେଶିଆଲ ଟାସ୍କ ଫୋର୍ସ) ପକ୍ଷରୁ ଚଢ଼ାଉ ହେଉଛି। କିନ୍ତୁ ବିଡ଼ମ୍ବନା ଯେ, ଯାଜପୁର ଧର୍ମଶାଳା ତହସିଲ୍ ଅଞ୍ଚଳରେ ଚାଲିଥିବା ୫୦୦ରୁ ଊର୍ଦ୍ଧ୍ୱ ବେଆଇନ ପଥର ଖାଦାନ ଓ କ୍ରଶର ଉପରେ ଏସ୍‌ଟିଏଫ୍‌ର ନଜର ପଡୁନାହିଁ। ଫଳରେ ଜିଲା ପ୍ରଶାସନର କାର୍ଯ୍ୟ ସ୍ୱଚ୍ଛତା ନେଇ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। କେତେକ ମାଫିଆଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି କରାଯାଉଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ଜିଲା ପ୍ରଶାସନର କୌଣସି କ୍ଷତି ହେଉ ନଥିଲେ ହେଁ ରାଜ୍ୟ ସରକାର ଏକପ୍ରକାର ବଦନାମ ହେଉଛନ୍ତି। ଏନେଇ ଧର୍ମଶାଳା ଅଞ୍ଚଳର କେତେକ ସାମାଜିକ କର୍ମୀ ଏସ୍‌ଟିଏଫ୍‌ର ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି।

ଯାଜପୁର ଜିଲାର ଜଙ୍ଗଲ ଜମି, ପାହାଡ଼ କିସମ ଓ ଅନାବାଦୀ ଜମିକୁ କବ୍‌ଜା କରିବାକୁ କ୍ରଶର ବ୍ୟବସାୟୀମାନେ ପଛାଉ ନାହାନ୍ତି। ଖୋଦ୍ ଧର୍ମଶାଳା ତହସିଲଦାରଙ୍କ ନିର୍ଦ୍ଦେଶ ମୁତାବକ ତଦନ୍ତ ଏବଂ ତଦନ୍ତ ରିପୋର୍ଟ ଆଧାରରେ ପୋଲିସରେ ମାମଲା ରୁଜୁ କରିବାକୁ ଅନୁରୋଧ ହୋଇଥିଲେ ହେଁ କିଛି କାର୍ଯ୍ୟକାରୀ ହେଉନାହିଁ । ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଆରୁହା କଳାପଥର ପାହାଡ଼ର ପାଦଦେଶ ତଥା ରେଲୱେ ଲାଇନ ପାର୍ଶ୍ୱରେ ଥିବା ଖାତା ନମ୍ବର ୭୭୯, ପ୍ଲଟ ନମ୍ବର ୨୮୧୦ରେ ଗଢ଼ି ଉଠିଥିବା ଏକ ବେଆଇନ ଷ୍ଟୋନ କ୍ରଶର। ୨୭।୨।୨୦୧୯ରେ ଆରୁହା ସର୍କଲର ରାଜସ୍ୱ ନୀରିକ୍ଷକ ଏନେଇ ଧର୍ମଶାଳା ତହସିଲଦାରଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟରେ ସେ ଦର୍ଶାଇଛନ୍ତି ଯେ, ଆରୁହାର କିସମ ପାହାଡ଼ ଅଟେ ଏବଂ ଏହା ଆବାଦ ଅଯୋଗ୍ୟ ଅନାବାଦୀ ଖାତାର ଅନ୍ତର୍ଭୁକ୍ତ। ଆରୁହା ଗ୍ରାମର ପ୍ରଭାକର ଜେନା ଏହି ପ୍ଲଟ ଉପରେ କ୍ରଶର ବସାଇ ଉକ୍ତ ସ୍ଥାନରେ ଥିବା କଳାପଥର ଖାଦାନକୁ ପାଚେରୀ ବୁଲାଇ ଖନନ ଓ ଚାଲାଣ କରୁଛନ୍ତି। ଏହି ପାହାଡ଼କୁ ଲିଜ୍ ଦିଆଯାଇ ନ ଥିବାରୁ ବେଆଇନ ଭାବେ କଳାପଥର ଚାଲାଣ କରାଯାଉଛି ବୋଲି ଆରୁହା ରାଜସ୍ୱ ନୀରିକ୍ଷକ ଧର୍ମଶାଳା ତହସିଲଦାରଙ୍କୁ ଲିଖିତ ସୂଚନା ଦେଇଛନ୍ତି। ଏସଂକ୍ରାନ୍ତରେ ବିଭିନ୍ନସ୍ତରରେ ଅଭିଯୋଗ ମଧ୍ୟ ହୋଇଛି। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ବିଡ଼ମ୍ବନା ଛଡ଼ା ଅନ୍ୟ କିଛି ନୁହେଁ ବୋଲି କୁହାଯାଉଛି। ପଥର ଖାଦାନ ଓ କ୍ରଶରଗୁଡ଼ିକରୁ ମୋଟା



■ଦୃଷ୍ଟି ଆକର୍ଷଣ କରିବାକୁ ସଜବାଜ

■ଚଢ଼ାଉରେ ଅବହେଳା କରାଯାଉନି: ତହସିଲଦାର

ଅଙ୍କର ଚାନ୍ଦା ମିଳୁଥିବାରୁ ଜିଲା ପୋଲିସ ଓ ପ୍ରଶାସନ ନିରବ ରହୁଥିବା ଅଭିଯୋଗ ହେଉଛି। ସେହିପରି ରାହାଡ଼ପୁର ପଥର ଖାଦାନରେ ଉତ୍ତୋଳନ ବନ୍ଦ କରିବାକୁ ୧୪୪ ଧାରା ଜାରି ହୋଇଛି। ତଥାପି ପଥର ମାଫିଆମାନେ କୌଣସି ନିର୍ଦ୍ଦେଶକୁ ନ ମାନି ପଥର ଉତ୍ତୋଳନ କରୁଛନ୍ତି। ଅନ୍ୟପକ୍ଷେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ମୌଜାରେ ଖାତା ନମ୍ବର ୩୮୯ଜଙ୍ଗଲ ଜମିରେ ବିନା ପରିବେଶ ମଞ୍ଜୁରୀରେ ଗତ ୧୫ବର୍ଷ ହେଲା କଳାପଥର ଉତ୍ତୋଳନ ହେଉଛି। ଏହାସହ ବଳରାମପୁର ସଂରକ୍ଷିତ ଜଙ୍ଗଲରେ ବେଆଇନ କଳାପଥର ଖାଦାନ ସଂକ୍ରାନ୍ତରେ କଟକ ଡିଏଫ୍‌ଓ ତାଙ୍କ ପତ୍ରସଂଖ୍ୟା ୫୧୪୬/୬।୭।୨୦୧୯ରେ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କେହି ଶୁଣିବାକୁ ନାରାଜ। ଅନ୍ୟପକ୍ଷେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ତାଙ୍କ ପତ୍ରସଂଖ୍ୟା ୯୮୯/୨୮।୩।୨୦୧୯ ଓ ୪୬୧/୭।୨।୨୦୧୯ରେ କଟକ ଡିଏଫ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ପତ୍ରରେ ସେ ଦର୍ଶାଇଛନ୍ତି ଯେ, ବିଭିନ୍ନ କଳାପଥର ଖାଦାନଗୁଡ଼ିକର ତଦନ୍ତ ସମୟରେ ବେଆଇନ ଖାଦାନ ଓ କ୍ରଶରଗୁଡ଼ିକ ସରକାରୀ ଜଙ୍ଗଲ ଜମିରେ ଚାଲିଛି। ବିଶେଷକରି ବିଛାଖଣ୍ଡି, ଅଞ୍ଜିରା, ଉଙ୍କାରୀ, ରାହାଡ଼ପୁର ଓ ଆରୁହା ଅଞ୍ଚଳର ଖାଦାନଗୁଡ଼ିକରେ ଲିଜ୍ ନ ଥାଇ ଜଙ୍ଗଲ ଜମିରେ ବେଆଇନ ଭାବେ କଳାପଥର ଉତ୍ତୋଳନ ହେଉଛି। କେବଳ ପତ୍ର ଦିଆନିଆରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ସମସ୍ତେ ନ ହେଲେ ମଧ୍ୟ ଅଧିକାଂଶ ଅଧିକାରୀ ମାସିକ ଚାନ୍ଦାରେ ଲିପ୍ତ ଥିବାରୁ ଏଭଳି ବାହାନା କରୁଥିବା ଚର୍ଚ୍ଚା ହେଉଛି। ଏହି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଯୋଗାଉଛନ୍ତି କେତେକ ପ୍ରଭାବଶାଳୀ ରାଜନେତା । ଫଳରେ ଜିଲାରେ ଏସ୍‌ଟିଏଫ୍ ଚଢ଼ାଉ ହେବା ଅସମ୍ଭବ ବୋଲି ମତପ୍ରକାଶ ପାଉଛି। ଏସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା କୁହନ୍ତି ତହସିଲ ପକ୍ଷରୁ ନିୟମିତ ଚଢ଼ାଉ କରାଯାଇ ଅନେକ ଗାଡ଼ି ଜବତ କରାଯାଉଛି। ବେଆଇନ କ୍ରଶର ଓ ଖାଦାନ ଉପରେ ଚଢ଼ାଉରେ ହେଳା କରାଯାଉ ନାହିଁ ବୋଲି ପଣ୍ଡା କହିଛନ୍ତି।

### ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ

**ଧର୍ମଶାଳା,୨୫।୭(ଡି.ଏନ୍.ଏ.)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୩ କଲେଜଗୁଡ଼ିକରେ ଗୁରୁବାର ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଶେଷ ଦିନରେ ଧର୍ମଶାଳା ବ୍ଲକର ୫ ଡିଗ୍ରୀ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୧୦୦୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୫୩ ଜଣ ନାମ ଲେଖାଇଛନ୍ତି। ଗତ ଗୁରୁବାର ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇଥିଲା। ଧର୍ମଶାଳା ମହାବିଦ୍ୟାଳୟରେ କଳାରେ ଇଂଲିଶ, ଇତିହାସ, ଓଡ଼ିଆ, ରାଜନୀତି ବିଜ୍ଞାନ, ଦର୍ଶନଶାସ୍ତ୍ର, ସଂସ୍କୃତ, ଶିକ୍ଷା, ଅର୍ଥନୀତି ବିଜ୍ଞାନ ଅନର୍ସ ବିଷୟରେ ଶେଷଦିନ ସୁଦ୍ଧା ୨୫୬ ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୩୪ ଜଣ ନାମ ଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୧୬୨ଜଣଙ୍କ ମଧ୍ୟରୁ ୧୩୪ଜଣ, ବାଣିଜ୍ୟରେ ୨୦ରୁ ୨୦ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦ ପାତ୍ର କଲେଜରେ କଳାରେ ୧୬୪ ଜଣଙ୍କ ମଧ୍ୟରୁ ୧୩୯ଜଣ, ବିଜ୍ଞାନରେ ୧୨୮ଜଣଙ୍କ ମଧ୍ୟରୁ ୧୦୩, ଧର୍ମଶାଳା ମହିଳା ମହାବିଦ୍ୟାଳୟରେ କଳାରେ ୧୦୦ରୁ ୮୯ଜଣ ଛାତ୍ରୀ ନାମ ଲେଖାଇଛନ୍ତି। ଜେନାପୁର କଲେଜରେ କଳାରେ ୧୧୬ରୁ ୯୨ଜଣ ଓ ଜଗନ୍ନାଥ ଜୀଉ ମହାବିଦ୍ୟାଳୟରେ କଳାରେ ୫୬ରୁ ୪୨ଜଣ ନାମ ଲେଖାଇଥିବା କଲେଜ ଅଧକ୍ଷମାନେ ସୂଚନା ଦେଇଛନ୍ତି ।

## ଚଣ୍ଡିଖୋଲ-ଡୁବୁରୀ ରାସ୍ତା ନିର୍ମାଣ ପାଇଁ ନୀରବ ଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

**ଯାଜପୁର ଅଫିସ,୨୫।୭**

ଚଣ୍ଡିଖୋଲ-ଡୁବୁରୀ ୨୦୦ନମ୍ବର ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଅନେକଙ୍କ ଧନଜୀବନ କ୍ଷତି ହେଉଛି। ରାଜପଥ ମରାମତି ପାଇଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରାଗଲେ ମଧ୍ୟ ସେମାନେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁହଁରେ କଳାପଟି ବାନ୍ଧି ନିରବ ଧାରଣା ଦିଆଯାଇଛି। ଏହି ମର୍ମରେ ମଞ୍ଚ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଚଣ୍ଡିଖୋଲ-ଡୁବୁରୀ ରାସ୍ତାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ତଥା ୪ଥାକିଆ ରାସ୍ତା ନିର୍ମାଣ ପାଇଁ ବହୁବାର ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ଏକ ସପ୍ତାହ ମଧ୍ୟରେ ରାସ୍ତା ଓ ପୋଲ ନିର୍ମାଣ ପାଇଁ ଠିକ ସମୟ ନିର୍ଘଣ୍ଟ ନ କଲେ ପୁଣି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି । ମଞ୍ଚର ଆବାହକ ସରୋଜ ବେହେରାଙ୍କ ନେତୃତ୍ୱରେ ଏହି ନୀରବ ଧାରଣା ଦିଆଯାଇଥିଲା।

### ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାରାରୋପଣ

**ଡୁବୁରୀ,୨୫।୭(ଡି.ଏନ୍.ଏ.):** ଡୁବୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉପଖଣ୍ଡ କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଡୁବୁରୀ ଜଙ୍ଗଲ ବିଭାଗ କାର୍ଯ୍ୟକ୍ରମରେ ସହାୟତା କରିଥିଲା। ଡୁବୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଭେଙ୍କଟ ରମଣ ମୁଦୁଲି ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। କାର୍ଯ୍ୟାଳୟ ପରିସରରେ ବିଭିନ୍ନ କିସମର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ବେହେରା, ଜଗନ୍ନାଥ ସାହୁ, ରସାନନ୍ଦ ବାରିକ, ରବିନାରାୟଣ ସାହୁଙ୍କ ସମେତ ବହୁ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଜିନ୍ଦଲ ଷ୍ଟେନଲେସ ପରିଦର୍ଶନରେ କେନ୍ଦ୍ରୀୟ ଇସ୍ପାତ ବିଭାଗ ଅତିରିକ୍ତ ସଚିବ

**କଳିଙ୍ଗନଗର,୨୫।୭(ଡି.ଏନ୍.ଏ.)**

କେନ୍ଦ୍ରୀୟ ଇସ୍ପାତ ବିଭାଗ ଅତିରିକ୍ତ ସଚିବ ରସିକା ଚୌବେ ଓ ନିର୍ଦ୍ଦେଶକ ରୋହିତ ଯାଦବ ଗୁରୁବାର ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍, କଳିଙ୍ଗନଗର କାରଖାନା ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନରେ ତାଙ୍କ ସହିତ ଟାଟା ଷ୍ଟିଲ କଳିଙ୍ଗନଗର ଚିଫ୍ ଇଞ୍ଜିନିୟରିଂ ଆଣ୍ଡ ପ୍ରୋଜେକ୍ଟ ମୋହିତ ଦାସ ଓ ନୀଳାଚଳ ଇସ୍ପାତ ନିଗମ ପରିଚାଳନା ନିର୍ଦ୍ଦେଶକ ଏସ୍.ଏସ୍.ମହାନ୍ତି ମଧ୍ୟ ରହିଥିଲେ। ଜିନ୍ଦଲ କାରଖାନା ମୁଖ୍ୟ ଆର.ଏସ୍. ବୈଦ୍ୟଙ୍କ ସହିତ ସି.ଆର.ଏମ୍. ମୁଖ୍ୟ ଦୀପକ ଅଗ୍ରୱାଲ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ କାରଖାନା ସଭାଗୃହ ମଧ୍ୟରେ ଏକ ବୈଠକରେ କାରଖାନା ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ସଚିବ କାରଖାନା ପରିସରରେ ଏକ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଚାରାରୋପଣ କରିବା ସହିତ କାରଖାନାର ସବୁଜିମାକୁ ଦେଖି ପ୍ରଶଂସା କରିଥିଲେ। ପରେ କୋଲ୍ଡରୋଲିଂ ମିଲ ଓ ହଟ ଷ୍ଟ୍ରିପ ମିଲ ଇତ୍ୟାଦି ପରିଦର୍ଶନ କରି ତାହାର ଉତ୍ପାଦନ ବିଷୟରେ ପଚାରି ବୁଝିଥିଲେ। ପରିଦର୍ଶନ ସମୟରେ କାରଖାନାର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

## ସୁକିନ୍ଦା ଥାନାଧିକାରୀଙ୍କ ବଦଳି ଦାବିକୁ ବିରୋଧ

**ସୁକିନ୍ଦା,୨୫।୭(ଡି.ଏନ୍.ଏ.)**

ସୁକିନ୍ଦା ଥାନାଧିକାରୀଙ୍କ ବଦଳି ଦାବିରେ ଗତ ଶନିବାର ଶାସକ ଦଳର କେତେଜଣ କର୍ମୀ ଯାଜପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଥାନାକୁ କୌଣସି ବ୍ୟକ୍ତିବିଶେଷ ଗଲେ ଥାନା ଅଧିକାରୀ ସେମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏପରିକି ଥାନାରେ କୌଣସି ସାଧାରଣ ବ୍ୟକ୍ତିବିଶେଷଙ୍କ ଅଭିଯୋଗ ଗ୍ରହଣ କରାଯାଉ ନାହିଁ। ତେଣୁ ଥାନା ଥାନାଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଅଭିଯୋଗପତ୍ରରେ ଦାବି କରାଯାଇଛି। ଏହାକୁ ବିରୋଧକରି ଗୁରୁବାର ସ୍ଥାନୀୟ ଅଞ୍ଚଳର ଭାଜପା କର୍ମୀଙ୍କ ସହ ବହୁ ବୁଦ୍ଧିଜୀବୀ ଯାଜପୁର ଏଏସ୍‌ପିଙ୍କୁ ଭେଟିଛନ୍ତି। ସୁକିନ୍ଦା ଥାନା ଅଧିକାରୀଭାବେ ବିଚିତ୍ରାନନ୍ଦ ସେଠୀ କାର୍ଯ୍ୟରେ ଯୋଗଦେବା ପରଠାରୁ ନିଜର କାର୍ଯ୍ୟଶୈଳୀ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅଞ୍ଚଳରେ ବେଆଇନ କାରବାର ଓ ବହୁ ଅପରାଧିକ ମାମଲାର ଖୁଲସା କରିବା ସହ ନିଜର ନମ୍ର ସ୍ୱଭାବ ପାଇଁ ଲୋକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। କିନ୍ତୁ କେତେଜଣ ବ୍ୟକ୍ତି ବିଶେଷ ନିଜସ୍ୱ ସ୍ୱାର୍ଥସାଧନ ଲକ୍ଷ୍ୟରେ ତାଙ୍କ ନାମରେ ମିଥ୍ୟାରୋପ ଆଣି ବଦଳି ଦାବି କରିଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଯାଜପୁର ଏସ୍‌ପି ଅନୁପସ୍ଥିତ ଥିବାରୁ ଏଏସ୍‌ପିଙ୍କୁ ଭେଟି ପ୍ରଦାନ କରିଛନ୍ତି। ଭାଜପା କର୍ମୀ ରମଣୀ ରଞ୍ଜନ ବଳ, ପୁଷ୍ପକ ମହାପାତ୍ର, ଶୁଭକାନ୍ତ ମହାନ୍ତି, ରଶ୍ମିରଞ୍ଜନ ସିଂ ସାମନ୍ତ, ଜିତେନ୍ଦ୍ର ବେହୁରାଙ୍କ ସହ ବହୁ ବୁଦ୍ଧଜୀବୀ ଏଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।



ଯାଜପୁର ଏଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବୋଲେରୋ, ଅଟୋ ମୁହାଁମୁହିଁ : ୬ ଗୁରୁତର

**ବିଞ୍ଝାରପୁର/ ସିଂହପୁର,୨୫।୭(ଡି.ଏନ୍.ଏ.)** ଯାଜପୁର ଜିଲା ସିଂହପୁର-ଯାଜପୁର ମୁଖ୍ୟ ରାସ୍ତା ଅନ୍ତର୍ଗତ ଖରସ୍ରୋତା ମହାବିଦ୍ୟାଳୟ ନିକଟରେ ଗୁରୁବାର ପୂର୍ବାହ୍ନରେ ଅଟୋ ଓ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଉଭୟ ଗାଡି ରାସ୍ତା କରକୁ ଓଲଟି ପଡିଥିଲା। ଏଥିରେ କେନ୍ଦ୍ରାପଡା ଜିଲାର ୩ଜଣ ଏନ୍‌ଏସ୍‌ଏସ୍ ଛାତ୍ରଙ୍କ ସମେତ ଜଣେ ଗର୍ଭବତୀ ମହିଳା, ତାଙ୍କ ସ୍ୱାମୀ ଓ ଅଟୋ ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ ମହିଳା ଜଣଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ବିଞ୍ଝାରପୁର ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିବା ସହ ବୋଲେରୋ ଗାଡି ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

ପ୍ରକାଶ ଯେ, କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ଡାମରପୁରସ୍ଥିତ ହରେକୃଷ୍ଣ ହାଇସ୍କୁଲର ୧୨ ଏନ୍‌ଏସ୍‌ଏସ୍ ଛାତ୍ର ଓ ୮ ଜଣ ଛାତ୍ରୀ ଗତ ୧୬ ତାରିଖରୁ ଯାଜପୁରସ୍ଥିତ ଚିତାଲୋ କଲେଜରେ ଚାଲୁଥିବା ଏକ କ୍ୟାମ୍ପରେ ଯୋଗଦେବାକୁ ଆସିଥିଲେ। ଗୁରୁବାର କ୍ୟାମ୍ପ ସାରିବା ପରେ ଜଣେ ଛାତ୍ରଙ୍କୁ ବାଦଦେଇ ୨ଟି ବୋଲେରୋରେ କେନ୍ଦ୍ରାପଡା ଫେରୁଥିଲେ। ଅପରପକ୍ଷେ କେନ୍ଦ୍ରାପଡା ଜିଲା ଆଳି ଥାନା ଅନ୍ତର୍ଗତ ପେତପଡା ଗ୍ରାମର ମଦନ ମୋହନ ଯେନା, ଗର୍ଭବତୀ ସ୍ତ୍ରୀ ମିନତୀ(୨୨)ଙ୍କୁ ମଦନଗିରି ଅଞ୍ଚଳର ଆନନ୍ଦଚନ୍ଦ୍ର ସାହୁଙ୍କ ଅଟୋରେ ନେଇ ଯାଜପୁର ଆସୁଥିଲେ। ଖରସ୍ରୋତା ମହାବିଦ୍ୟାଳୟ ନିକଟରେ ଭାରସାମ ହରାଇ ଉଭୟ ଗାଡି ମୁହାଁମୁହିଁ ଧକ୍କା ହୋଇଥିଲା।



ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼।

## ■ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ସଂକ୍ରାନ୍ତୀୟ ଯାଞ୍ଚ ଆରମ୍ଭ

# ୫ବର୍ଷ ହେଲା ଦିଆଯାଉଛି ନିର୍ଦ୍ଦେଶ, ଫଳ ଶୂନ

■ତଦନ୍ତ ବାଟବଣା, ଖସୁଛନ୍ତି ଜାଲ୍ ଡିଗ୍ରୀଧାରୀ

■ଅଗଷ୍ଟ ଶେଷ ସୁଦ୍ଧା ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୫।୭**

ଯାଜପୁର ଜିଲାରେ ବିଭିନ୍ନ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ସଂକ୍ରାନ୍ତରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟସ୍ତରରେ କେତେକ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ ହୋଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକଙ୍କ ପତ୍ରସଂଖ୍ୟା ୧୭,୭୯୪/୨୦।୭।୨୦୧୯ରେ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ(ଡିପିସି)ଙ୍କୁ ଶିକ୍ଷକମାନଙ୍କ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ଯାଞ୍ଚ ରିପୋର୍ଟ ଅଗଷ୍ଟ ଶେଷ ସୁଦ୍ଧା ଦେବାକୁ କୁହାଯାଇଛି। ତେବେ ଏଠାରେ ସୂଚନାଯୋଗ୍ୟ ଯେ, ଜାଲ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ନିର୍ଦ୍ଦେଶ ୨୦୧୫ ମସିହାରୁ ହୋଇଆସୁଛି। ଏ ସଂକ୍ରାନ୍ତରେ ତଥ୍ୟ ଭିତ୍ତିକ ଖବର ପୂର୍ବରୁ ଧରିତ୍ରୀରେ ବହୁବାର ପ୍ରକାଶିତ ହୋଇଛି। ହେଲେ ଯାଜପୁର ଜିଲାରେ ଆବଶ୍ୟକ ତଦନ୍ତ ହୋଇ ପାରୁନାହିଁ। ଅନ୍ୟ ଜିଲାଗୁଡ଼ିକରେ ଜାଲ ପ୍ରମାଣପତ୍ରଧାରୀ ଚିହ୍ନଟ ହୋଇ ଚାକିରିରୁ ବହିସ୍କୃତ ହେଉଥିବାବେଳେ ଯାଜପୁର ଜିଲାରେ ତାହା ସମ୍ଭବ ହେଉ ନାହିଁ। କାରଣ ଏଠାରେ ତଦନ୍ତ ପ୍ରକ୍ରିୟା ଶିଥିଳ ସହିତ ପଥଚ୍ୟୁତ ହେଉଥିବା ମତପ୍ରକାଶ ପାଉଛି। ରାଜ୍ୟ ବାହାରର ବିଭିନ୍ନ ବିଶ୍ୱବିଦ୍ୟାଳୟ କିମ୍ବା ତାଲିମ ଅନୁଷ୍ଠାନଗୁଡ଼ିକରେ ପରୀକ୍ଷାର୍ଥୀ ବାସ୍ତବରେ ପରୀକ୍ଷା ଦେଇ ପ୍ରମାଣପତ୍ର ପାଇଛନ୍ତି କି ଘରେ ବସି ଦଲାଲଙ୍କ ସହଯୋଗରେ ପ୍ରମାଣପତ୍ର ହାସଲ କରିଛନ୍ତି ତାହା ତଦନ୍ତ ପରିସରକୁ ଆସୁନାହିଁ। ଯେଉଁଥି ପାଇଁ ଜାଲ୍ ଡିଗ୍ରୀଧାରୀ ସହଜରେ ଖସି ଯାଉଛନ୍ତି। ଯେଉଁ ଅଧିକାରୀଙ୍କୁ ତଦନ୍ତ ଦିଆଯାଉଛି ସେହିମାନେ ହିଁ ଜାଲ ଡିଗ୍ରୀଧାରୀ ଶିକ୍ଷକଙ୍କୁ ସୁରକ୍ଷା ଯୋଗାଇ ଦେଇ ଆସୁଛନ୍ତି ବୋଲି ଜିଲାରେ ଚର୍ଚ୍ଚା ହେଉଛି।

୨୦୧୫ ନଭେମ୍ବର ୩୦ରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା. ୨୦,୭୧୦ ଜରିଆରେ ଜିଲାରେ କାର୍ଯ୍ୟରତ ନକଲି ବିଇଡି/ସିଟି ତାଲିମପ୍ରାପ୍ତ ଶିକ୍ଷକଙ୍କ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ କିମ୍ବା ଡିପିସି ସେତେବେଳେ ଏହାର କୌଣସି ଉତ୍ତର ଦେଇ ନ ଥିଲେ। ବିଭାଗ ମଧ୍ୟ ୬ମାସ ପର୍ଯ୍ୟନ୍ତ ଚୁପ ରହିଥିଲା। ଏହାପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉପନିର୍ଦ୍ଦେଶକ ୨୦୧୬ ଏପ୍ରିଲ ମାସ ୧୮ ତାରିଖରେ ପତ୍ରସଂଖ୍ୟା ୬,୯୨୮ ଜରିଆରେ ଜିଲାରେ କାର୍ଯ୍ୟରତ ନକଲି ସିଟି/ବିଇଡି ଡିଗ୍ରୀଧାରୀ ଶିକ୍ଷକଙ୍କୁ ଚିହ୍ନଟ କରି ପୁଣି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପତ୍ର ପାଇବାର ୧୫ ଦିନ ମଧ୍ୟରେ ଯଦି ଜିଲାରେ କେହି ନକଲି ସିଟି/ବିଇଡି ଡିଗ୍ରୀଧାରୀ ଶିକ୍ଷକ ମିଳୁ ନାହାନ୍ତି ତେବେ ଏହି ମର୍ମରେ ଏକ ପ୍ରମାଣପତ୍ର ଦେବାକୁ କୁହାଯାଇଥିଲା। ଏହାକୁ ଅତି ଜରୁରୀ (ମୋଷ୍ଟ ଅରଜେଣ୍ଟ) ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଥିଲା। ତଥାପି ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲାନାହିଁ । ପୁଣି ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ବି.ଏନ. ପ୍ରଧାନ ତାଙ୍କ ପତ୍ରସଂଖ୍ୟା ୧୭,୦୯୯/୨୬।୮।୨୦୧୬ ତାରିଖରେ ନକଲି ଡିଗ୍ରୀଧାରୀ ଶିକ୍ଷୟିତ୍ରୀଶିକ୍ଷକ ପ୍ରମାଣପତ୍ର ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନକଲି ପ୍ରମାଣପତ୍ର ବଳରେ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ନିଯୁକ୍ତି ପାଉଥିବାରୁ ଏହାକୁ ଜରୁରୀ ଭାବେ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତ୍ରରେ ନିର୍ଦ୍ଦେଶ ହୋଇଥିଲା। ଏହି ବିଷୟ ତୁରନ୍ତ ବନ୍ଦ ହେବା ଆବଶ୍ୟକ ବୋଲି ବିଭାଗ ପକ୍ଷରୁ ସୂଚନା ଦେଇ ସମ୍ପୃକ୍ତ ନକଲି ଡିଗ୍ରୀଧାରୀ ଶିକ୍ଷକଙ୍କ ବିରୋଧରେ ଥାନାରେ ଏଫ୍‌ଆଇଆର ଦେବାକୁ ମଧ୍ୟ କୁହାଯାଇଥିଲା। ନିଯୁକ୍ତି ସମୟରେ ଦାଖଲ କରିଥିବା ପ୍ରାର୍ଥୀଙ୍କ ଆବେଦନପତ୍ରଗୁଡ଼ିକୁ ଅତି ସାବଧାନ ଭାବେ ଯାଞ୍ଚ କରି ଏକ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ ହୋଇଥିଲା। ତେବେ ଗତାନୁଗତିକ ଭାବେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଉକ୍ତ ନିର୍ଦ୍ଦେଶ ପତ୍ରକୁ ଫାଇଲ ତଳେ ଚାପି ରଖିଥିଲେ। ଏହାର ୩ବର୍ଷ ପରେ ପୁଣି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ ଯାହା ହେଉ ନା କାହିଁକି ଯାଜପୁର ଜିଲାରେ ୨୦୧୨ ନିଯୁକ୍ତି ପ୍ରକ୍ରିୟାରେ ପ୍ରାୟ ୫୦ ଜଣ, ୨୦୧୪ ନିଯୁକ୍ତି ପ୍ରକ୍ରିୟାରେ ୮୬ ଜଣ ଓ ୨୦୧୭ ନିଯୁକ୍ତି ପ୍ରକ୍ରିୟାରେ ୧୪୬ ଜଣ ଯେଉଁ ପ୍ରମାଣପତ୍ର ଦାଖଲ କରିଛନ୍ତି ତାହା ସନ୍ଦେହ ଘେରରେ ଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ତେବେ ରାଜ୍ୟ ବାହାର ବିଶ୍ୱବିଦ୍ୟାଳୟର ଅସଲି ପ୍ରମାଣପତ୍ର ଏମାନେ ଦାଖଲ କରିଛନ୍ତି କି ନୁହେଁ ସେ ନେଇ ଯାଞ୍ଚ କରି ବିଭାଗ ପକ୍ଷରୁ ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଅଥଚ ଏହି ଡିଗ୍ରୀଧାରୀ ଶିକ୍ଷୟିତ୍ରୀଶିକ୍ଷକ ବାସ୍ତବରେ ରାଜ୍ୟ ବାହାର ବିଶ୍ୱବିଦ୍ୟାଳୟରେ ପରୀକ୍ଷା ଦେଇଛନ୍ତି କି ନାହିଁ ସେ ନେଇ କୌଣସି ଯାଞ୍ଚ ହେଉନାହିଁ। ଏସଂକ୍ରାନ୍ତରେ ଜିଲା ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାରଙ୍କୁ ପଚାରିବାରୁ ସେ କହିଛନ୍ତି ୩ଟି ପର୍ଯ୍ୟାୟରେ ତଦନ୍ତ ପ୍ରକ୍ରିୟା ଚାଲିଛି। ବ୍ଲକସ୍ତରରେ ବିଇଓଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଅଗଷ୍ଟ ଶେଷ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ଜାଲ ପ୍ରମାଣପତ୍ରଧାରୀ ଚିହ୍ନଟ ହେବାର ଆଶା କରାଯାଉଛି ବୋଲି ସୂତାର କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୬ ଜୁଲାଇ, ୨୦୧୯



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ଖଣ୍ଡପଡ଼ା: ଜବରଦଖଲ ଜମି ଉଚ୍ଛେଦ ଦାବି

**ଖଣ୍ଡପଡ଼ା,୨୫।୭(ସ୍ୱ.ପ୍ର.):** ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ ଖଳିସାହି ପଞ୍ଚାୟତର କୋଟପୋଖରୀ ମୌଜାରେ କେତେକ ବ୍ୟକ୍ତି ସରକାରୀ ଜାଗା ଓ ଗୋଚର ଜମି ଜବରଦଖଲ କରିଥିବା ନେଇ ଗ୍ରାମବାସୀ ତହସିଲଦାର ଓ ନୟାଗଡ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ମୌଜାର ଜନସାଧାରଣଙ୍କ ଘରବାଡ଼ି ସନ୍ନିକଟରେ ବହୁ ପରିମାଣର ସରକାରୀ ଜାଗା ରହିଛି । ଗୋଚର କିସମର ହୋଇଥିବା ଏହି ଜାଗାକୁ କୋଟପୋଖରୀ ମୌଜାର କେତେକ ବ୍ୟକ୍ତି ଜବରଦଖଲ କରି ରଖିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଚାରଣ ଭୂମିର ଅଭାବ ଯୋଗୁ ଗୃହପାଳିତ ପ୍ରାଣୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜବରଦଖଲକାରୀଙ୍କୁ ତୁରନ୍ତ ହଟାଇବା ନିମନ୍ତେ ସ୍ଥାନୀୟ ତହସିଲ ପ୍ରଶସାନ ଦୃଷ୍ଟି ଦେବାକୁ ଦାବି ହେଉଛି । ସୂଚନାଯୋଗ୍ୟ ଏହି ଜବରଦଖଲକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି।

### ରାସ୍ତାକଡ଼କୁ ଓଲଟିଲା ହାଇୱା, ଚାଳକ ଗୁରୁତର



**ଖଣ୍ଡପଡା,୨୫।୭(ସ୍ୱ.ପ୍ର.):** ଖଣ୍ଡପଡା-ବାହାଡା ମୁଖ୍ୟ ରାସ୍ତାର ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ଏକ ହାଇୱା ରାସ୍ତା କଡକୁ ଓଲଟି ପଡିବାରୁ ଗାଡି ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ ଚାଳକଙ୍କ ପରିଚୟ ମିଳିପାରି ନାହିଁ।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଖଣ୍ଡପଡା,୨୫।୭(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ସିଧାମୂଳା ମହାନଦୀ ସେତୁ ଉପରେ ଗୁରୁବାର ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ୱରୂପ ଧଳ(୨୫) ଓ ତାଙ୍କ ଘର କଟକ ଜିଲା ନରସିଂହପୁର ଥାନା ଅଲରା ଗ୍ରାମରେ। ମିଳିଥିବା ସୂଚନା ମୁତାବକ ଭୁବନେଶ୍ୱରରୁ ଏକ ବାଇକ୍ ଯୋଗେ ସ୍ୱରୂପ ଗାଁକୁ ଫେରୁଥିଲେ। ଅପରାହ୍ନ ପ୍ରାୟ ସାଢେ ୫ଟାରେ ମହାନଦୀ ସେତୁ ଉପରେ ଏକ ଅଜଣା ଗାଡି ତାଙ୍କୁ ଧକ୍କାଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ସ୍ୱରୂପଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ କଟକ ଜିଲା କାନପୁର ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବିଦ୍ୟୁତ୍ ବିଭ୍ରାଟ ନେଇ ଅସନ୍ତୋଷ

**ରଣପୁର,୨୫।୭(ସ୍ୱ.ପ୍ର.):** ରଣପୁର ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ନେଇ ଉପଭୋକ୍ତାଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ବର୍ଷାପବନ ହେବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆ ଯାଇଥିଲା। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବଜାର ଅଞ୍ଚଳ ଅନ୍ଧାରରେ ରହିଥିଲା। ଏଥିନେଇ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି କି ଗଣମାଧମ ପ୍ରତିନିଧିମାନେ ଖବର ପଠାଇବା ପାଇଁ ସମସ୍ୟାରେ ପଡିଥିଲେ। ରାତି ସାଢେ ୧୦ଟା ପର୍ଯ୍ୟନ୍ତ ଖବର ଲେଖାହେବା ସୁଦ୍ଧା ଏହି ସମସ୍ୟା ଲାଗିରହିଥିଲା।

### ଦଶପଲ୍ଲାରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଚଢ଼ାଉ

**ଦଶପଲ୍ଲା,୨୫।୭(ଡି.ଏନ.ଏ.):** ଦଶପଲ୍ଲା ସହରରେ ଦିନକୁ ଦିନ ବଢ଼ି ଚାଲିଛି ଏସ୍‌କଫ୍ ଭଳି ବିଭିନ୍ନ ସିରଫ୍ ଏବଂ ଆଲ୍‌ପ୍ରାକ୍ସ (ଟାବଲେଟ୍) ବ୍ୟବସାୟ। ଯାହାକୁ ଔଷଧ ଭାବେ ବ୍ୟବହାର ନ କରି ଏବେ ନିଶା ଭାବେ ବ୍ୟବହାର କରାଯାଉଛି। ଦଶପଲ୍ଲା ଅଞ୍ଚଳର କିଛି ଔଷଧ ଦୋକାନୀ ଔଷଧ ବିକ୍ରି କରିବା ବାହାନାରେ ଦୋକାନ ଖୋଲି ଏହାକୁ ବ୍ୟବସାୟ କରିବାରେ ଲାଗିପଡିଛନ୍ତି। ଏନେଇ ବୁଧବାର ଜିଲା ଡ୍ରଗ୍ସ ଇନ୍ସପେକ୍ଟର ତଥା ଭେଷଜ ନିରିକ୍ଷକଙ୍କ ପକ୍ଷରୁ ବାଣିଗୋଛା, କୁଲୁରୁକୁମ୍ପା ଏବଂ ଦଶପଲ୍ଲା ଅଞ୍ଚଳରେ ଥିବା ବିଭିନ୍ନ ଔଷଧ ଦୋକାନ ଉପରେ ଚଢାଉ କରାଯାଇଛି। ଦଶପଲ୍ଲାସ୍ଥିତ ଏକ ଔଷଧ ଦୋକାନ ଉପରେ ଚଢାଉ କରାଯାଇ ୮୦ ଷ୍ଟ୍ରିପ୍ ଆଲପ୍ରାକ୍ସ ଟାବଲେଟ୍ ସହ ଏସ୍‌କଫ୍ ସିରଫ୍ ଜବତ କରାଯାଇଥିବା ଡ୍ରଗ୍ସ ଇନ୍ସପେକ୍ଟର ପି. ଚକ୍ରବର୍ତ୍ତୀ କହିଛନ୍ତି।

# ମହିପୁରକୁ ପରୀକ୍ଷାମୂଳକ ଭାବେ ଗଡ଼ିଲା ଟ୍ରେନ୍

- ରେଳ ଆୟୁକ୍ତଙ୍କ ଦ୍ୱାରା କରାଗଲା ନିରୀକ୍ଷଣ
- ୧୫ ଦିନ ଭିତରେ ଚାଲିବ ଟ୍ରେନ୍
- ସିଧାସଳଖ କେବେ ଭୁବନେଶ୍ୱରକୁ ଗଡ଼ିବ ଟ୍ରେନ୍

**ନୟାଗଡ଼ ଅଫିସ/ନୂଆଗାଁ (ଡି.ଏନ.ଏ.),୨୫।୭**

ନିର୍ମାଣାଧୀନ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ପ୍ରକଳ୍ପ କାର୍ଯ୍ୟ ଆଉ ପାଦେ ଆଗେଇଛି। ଗୁରୁବାର ନୟାଗଡ଼ ଟାଉନ ଷ୍ଟେଶନଠାରୁ ନୂଆଗାଁ ବ୍ଲକ ମହିପୁର ପର୍ଯ୍ୟନ୍ତ ୧୨ କି.ମି. ରେଳ ଲାଇନରେ ପରୀକ୍ଷାମୂଳକ ଭାବେ ଟ୍ରେନ୍ ଗଡ଼ିଛି। ୧୦ ବଗି ବିଶିଷ୍ଟ ଏକ ଟ୍ରେନ୍‌ର ସ୍ପିଡ ଟ୍ରାଏଲ କରାଯାଇଛି। ଏହି ସମୟରେ ୫ଟି ଟ୍ରଲିରେ ରେଳ ସୁରକ୍ଷା ଆୟୁକ୍ତଙ୍କ ସମେତ ଅନ୍ୟ ଅଧିକାରୀମାନେ ପହଞ୍ଚି ଟ୍ରେନ ଲାଇନ ନିରୀକ୍ଷଣ କରିଥିଲେ। ଗୁରୁବାର ଦକ୍ଷିଣ ପୂର୍ବ ପ୍ରାନ୍ତ ରେଳ ସୁରକ୍ଷା ଆୟୁକ୍ତ (ସିଆର୍‌ଏସ୍) ଏ . କେ. ରାଇ ନୟାଗଡ଼ ଟାଉନ ଷ୍ଟେଶନଠାରୁ ମହିପୁର ପର୍ଯ୍ୟନ୍ତ ୧୨ କି.ମି. ରେଳଲାଇନ୍‌ର ନିରୀକ୍ଷଣ କରିଛନ୍ତି। ତାଙ୍କ ସହିତ ପୂର୍ବତଟ ରେଳପଥର ପ୍ରମୁଖ ଯନ୍ତ୍ରୀ ନରୋତ୍ତମ ସିଂ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପ୍ରବନ୍ଧକ ରାଜ କୁମାର ଓ ଅନ୍ୟ ଅଧିକାରୀମାନେ ରେଳ ଲାଇନ୍‌ର ନିରୀକ୍ଷଣ କରିଥିଲେ।

ନୟାଗଡ଼ ଷ୍ଟେଶନଠାରୁ ପୂର୍ବାହ୍ନ ୧୧ଟାରେ ଟ୍ରେନ୍ ଛାଡ଼ିଥିଲା, ୧୧ଟା ୩୦ରେ ଏହା ମହିପୁରଠାରେ ପହଞ୍ଚିଥିଲା। ମହିପୁର ଷ୍ଟେଶନଠାରୁ ଅପରାହ୍ନ ୩ଟା ୪୫ରେ ବାହାରି ୪ଟା ୩୦ରେ ନୟାଗଡ଼ ଷ୍ଟେଶନରେ ପହଞ୍ଚିଥିଲା। ରେଳ ଚଳାଚଳ କ୍ଷେତ୍ରରେ ସୁରକ୍ଷା ଦୃଷ୍ଟିରୁ ରେଳଧାରଣା ସହିତ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟାବଳୀକୁ ଅଧିକାରୀମାନେ ନିରୀକ୍ଷଣ କରିସାରିବା ପରେ ଟ୍ରେନ୍ ଚଳାଚଳ ପାଇଁ ରେଳଲାଇନ୍ ଉପଯୁକ୍ତ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୧୫ ଦିନ ମଧ୍ୟରେ ମହିପୁରକୁ ରେଳ ଚଳାଚଳ ହେବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଖୋର୍ଦ୍ଧା–ବଲାଙ୍ଗୀର ୨୮୯ କିମି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ରେଳ ପ୍ରକଳ୍ପର ୮୦ କିଲୋମିଟର ରେଳଲାଇନ୍‌ର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ରେଳ ଚଳାଚଳ ହେଉଛି। ସେଥିମଧ୍ୟରୁ ଖୋର୍ଦ୍ଧା ରୋଡ୍‌ଠାରୁ ନୟାଗଡ଼ ଟାଉନ ପର୍ଯ୍ୟନ୍ତ ୬୫ କିଲୋମିଟର ଏବଂ ବଲାଙ୍ଗୀରଠାରୁ ବିଚ୍ଛୁପାଲ୍ଲୀ ୧୫ କିମି ପର୍ଯ୍ୟନ୍ତ କାମ ସାରି ରେଳ ଚଳାଚଳ ହେଉଛି। ବର୍ତ୍ତମାନ ନୟାଗଡ଼ ଟାଉନ ଷ୍ଟେଶନଠାରୁ ମହିପୁର ପର୍ଯ୍ୟନ୍ତ ୧୨ କିମି କାର୍ଯ୍ୟ ସରିଛି। ରେଳ ସୁରକ୍ଷା ଆୟୁକ୍ତଙ୍କ ଅନୁମୋଦନ କ୍ରମେ ଖୁବଶୀଘ୍ର ଏହା ଚଳାଚଳ କରିବ। ଫଳରେ ମୋଟ ୯୨ କିଲୋମିଟର ରେଳ ଲାଇନରେ ରେଳ ଚଳାଚଳ କରିବ।

ପ୍ରକାଶ ଯେ, ୧୬ ଜୁଲାଇ ୨୦୧୫ରେ ଖୋର୍ଦ୍ଧା ରୋଡ଼ଠାରୁ ବେଗୁନିଆ, ୩ ନଭେମ୍ବର ୨୦୧୫ରେ ବେଗୁନିଆଠାରୁ ରାଜସୁନାଖଳା, ୨୦ ମାର୍ଚ୍ଚ ୨୦୧୭ରେ ରାଜସୁନାଖଳାଠାରୁ ବୋଲଗଡ଼ ରୋଡ଼, ୧୯ ଜୁନ୍ ୨୦୧୭ରେ ବୋଲଗଡ଼ ରୋଡ଼ଠାରୁ ନୟାଗଡ଼ ଟାଉନ ଷ୍ଟେଶନ, ୧୫ ଜାନୁୟାରୀ ୨୦୧୯ରେବଲାଙ୍ଗୀରଠାରୁ ବିଚ୍ଛୁପାଲ୍ଲୀ ମଧ୍ୟରେ ରେଳ ଲାଇନ୍‌ରେ ରେଳ ଚଳାଚଳ କରିଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ୯୫୬ କୋଟି ଟଙ୍କା ବ୍ୟୟ ସରିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ନୟାଗଡ଼କୁ ୨ ବର୍ଷ ହେଲାଣି ରେଳ ଚଳାଚଳ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସିଧାସଳଖ ଭାବେ ଭୁବନେଶ୍ୱରକୁ ଚଳାଚଳ ହୋଇପାରି ନାହିଁ। ଫଳରେ ଜିଲାବାସୀ ଏଥିନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରେଳ ବିଭାଗଠାରେ ସିଧାସଳଖ ଭୁବନେଶ୍ୱରକୁ ରେଳ ଚଳାଚଳ ପାଇଁ ଦାବି କରାଯାଇଥିଲା। ଗୁରୁବାର ରେଳ ବିଭାଗର ଅଧିକାରୀଙ୍କ ନିକଟରେ ଏହି ଦାବିକୁ ପୁନର୍ବାର ଦୋହରାଇ ଥିଲେ। ସେହିଭଳି ବାଲୁଙ୍କେଶ୍ୱର ରେଲୱେ ସଂଗ୍ରାମ ସମିତି ପକ୍ଷରୁ ଇଟାମାଟିଠାରେ ପିଏଚ୍ ନିର୍ମାଣ ଦାବିରେ ରେଳ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା।



ମହିପୁରଠାରେ ଟ୍ରେନ୍‌କୁ ଦେଖିବା ପାଇଁ ଲୋକଙ୍କ ଭିଡ଼।



ରେଳ ସୁରକ୍ଷା ଆୟୁକ୍ତ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଦ୍ୱାରା ରେଳଲାଇନ୍ ନିରୀକ୍ଷଣ କରାଯାଉଛି।

## ୧୫ କେଜି ଗଞ୍ଜେଇ ଜବତ, ୩ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ୩ ଯୁବକ।

**ନୟାଗଡ଼ ଅଫିସ,୨୫।୭**

କନ୍ଧମାଳରୁ ୩ଟି ବ୍ୟାଗରେ ଗଞ୍ଜେଇ ନେଇ ଭୁବନେଶ୍ୱର ଯାଉଥିବା ବେଳେ ନୟାଗଡ ଟାଉନ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ସଦର ଥାନା ସାକଡ଼ିପଡ଼ା ଗ୍ରାମର ଜାନକୀ ଦିଗଲ (୩୦), କେନ୍ଦୁଗୁଡ଼ା ଗ୍ରାମର ମହାବୀର ଦିଗଲ (୩୦) ଓ ପିରିଙ୍ଗିଆ ଥାନା କମବରାହ ଗ୍ରାମର ବିଶ୍ୱମ୍ଭର କହଁର। ପୋଲିସ ସେମାନଙ୍କଠାରୁ ୧୫ କେଜି ଗଞ୍ଜେଇ ଜବତ କରିଛି। ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ, ୩ଜଣ ଯୁବକ ଗଞ୍ଜେଇ ନେଇ ଫୁଲବାଣୀରୁ ଏକ ବସ୍‌ରେ ଭୁବନେଶ୍ୱର ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ବସ୍‌ର ପିଛା କରିଥିଲା। ଏହା ପରେ ସମ୍ପୃକ୍ତ ୩ ଜଣ ଯୁବକ ଘଡୁଆଳସ୍ଥିତ ସତ୍‌ସଙ୍ଗ ବିହାର ପାଖରେ ବସ୍‌ରୁ ଓହ୍ଲାଇ ପଡ଼ିଥିଲେ। ସେଠାରୁ ବିଲ ଆଡେ ଚାଲି ଚାଲି ଯାଉଥିବା ବେଳେ ପୋଲିସ ସେମାନଙ୍କ ପିଛା କରିଥିଲା, ପରେ ୩ ଜଣଙ୍କୁ ଧରିଥିଲା। ପୋଲିସ ନିଜ ଆଡୁ ୧୦୩/୧୯ରେ ଏକ ମାମଲା ରୁଜୁ କରି ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଜୟଦୀପ ପଟ୍ଟନାୟକ ପ୍ରକାଶ କରିଛନ୍ତି।

■ ଚୋରି କରିବାକୁ ଯାଇ ଧରାପଡ଼ିଲେ ୨ ଚୋର

# ଖୁଣ୍ଟରେ ବାନ୍ଧି ନିର୍ଘୂମ୍ ପିଟିଲେ ଗ୍ରାମବାସୀ

**ନୟାଗଡ଼ ଅଫିସ/ଭାପୁର (ଡି.ଏନ.ଏ.),୨୫।୭**

ଚୋରି କରିବାକୁ ଜଣଙ୍କ ଘରେ ପଶିଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ି ନିର୍ଘୂମ ମାଡ଼ ଖାଇଛନ୍ତି ଚୋରମାନେ। ପରେ ସେମାନଙ୍କୁ ପୋଲିସ ଉଦ୍ଧାର କରି ଗିରଫ କରିଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ଥାନା ବାଇଗୁଣିଆର ବଡ଼ସାହି ଗ୍ରାମରେ। ଗ୍ରାମରେ ୩ ଜଣ ଚୋର ବୁଧବାର ରାତିରେ ଜଣଙ୍କ ଘରେ ପଶିଥିବା ବେଳେ ଲୋକଙ୍କ ହାତରେ ୨ ଜଣ ଧରାପଡ଼ିଥିଲେ। ଅନ୍ୟ ଜଣେ ଫେରାର୍ ହୋଇଯାଇଥିଲା। ଧରାପଡ଼ିଥିବା ୨ ଚୋରଙ୍କୁ ଗ୍ରାମବାସୀ ରାତିସାରା ଏକ ବିଦ୍ୟୁତ ଖୁଣ୍ଟିରେ ବାନ୍ଧି ନିର୍ଘୂମ ମାଡ ମାରିଥିଲେ। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ସକାଳେ ପୋଲିସ ଖବର ପାଇ ୨ ଜଣ ଚୋରଙ୍କୁ ଉଦ୍ଧାର କରିଛି। ଗିରଫ ୨ ଜଣ ହେଲେ ଭୁବନେଶ୍ୱର ବଡ଼ଗଡ଼ ଥାନା ବ୍ରିଟ କଲୋନୀର ସୁଶାନ୍ତ ଭଞ୍ଜ ଓରଫ ରକି (୪୦) ଓ ବାଇଗୁଣିଆ ଗ୍ରାମର ହରିହର ବୀର ଓରଫ ମଣ୍ଟୁ (୫୦)। ରକି ରଙ୍ଗ ମିସ୍ତ୍ରି ଥିବାବେଳେ ମଣ୍ଟୁ ଭୁବନେଶ୍ୱର ବିଡ଼ିଏ କଲୋନୀଠାରେ ଏକ ପାନ ଦୋକାନ କରିଛନ୍ତି।

ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ, ବାଇଗୁଣିଆ ବଡ଼ସାହିର ପଠାଣି ନନ୍ଦ ସପରିବାର ବୁଧବାର ଡାକ୍ତରଖାନାରେ ଚିକିତ୍ସାଧୀନ ତାଙ୍କ ସମୁଦିଙ୍କୁ ଦେଖିବା ପାଇଁ ଭୁବନେଶ୍ୱର ଯାଇଥିଲେ। ଏହି ଖବର ଜାଣି ମଣ୍ଟୁ ତାଙ୍କ ୨ସହଯୋଗୀଙ୍କୁ ଡାକିଥିଲେ। ରକି, ମଣ୍ଟୁ ଓ ଅନ୍ୟ ଜଣେ ଦୁଇଟି ବାଇକ୍‌ରେ ଭୁବନେଶ୍ୱରରୁ ବାଇଗୁଣିଆକୁ ଆସିଥିଲେ। ସେମାନେ ପଠାଣିଙ୍କ ବାରିପଟ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ଏହାପରେ ତାଙ୍କ ଆଲମିରା ଭାଙ୍ଗି ନଗଦ ଟଙ୍କା , ସୁନାରୁପା ଅଳଙ୍କାର ନେଇ ଯାଉଥିଲେ। ଏହି ସମୟରେ ପଠାଣିଙ୍କ ପଡ଼ୋଶୀ ଚୋରମାନଙ୍କୁ ଦେଖି ଚିତ୍କାର କରି ଗ୍ରାମ ଲୋକଙ୍କୁ ଡାକିଥିଲେ। ପରେ ଗ୍ରାମବାସୀ ଏକଜୁଟ ହୋଇ ୨ ଚୋରଙ୍କୁ କାବୁ କରିଥିଲେ। ଅନ୍ୟ ଜଣେ ସୁଯୋଗ ନେଇ ଖସି ପଳାଇଥିଲା। ଧରିଥିବା ୨ ଚୋରଙ୍କୁ ଗ୍ରାମବାସୀ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ରାତିସାରା ପିଟିଥିଲେ। ସକାଳୁ ଫତେଗଡ଼ ପୋଲିସ ଖବର ପାଇ ୨ ଜଣଙ୍କୁ ଉଦ୍ଧାର କରିଥିଲା। ସେହିଭଳି ପୋଲିସ (ନଂ.ଓଆର ୦୫ ୱାଇ ୪୩୪୬ ) ଓ (ନଂ.ଓଆର ୦୨ ବିସି ୫୩୫୬) ଦୁଇଟି ବାଇକ୍‌କୁ ଜବତ କରିଛି। ଅଭିଯୁକ୍ତଙ୍କଠାରୁ ହଳେ କାନପୁଲ ଓ ହଳେ ସୁନାଚୁଡ଼ି ଜବତ କରାଯାଇଛି। ପଠାଣି ନନ୍ଦଙ୍କ ଅଭିଯୋଗକୁ ଭିତ୍ତି କରି ଫତେଗଡ଼ ଥାନାରେ ୧୨୬/୧୯ରେ ମାମଲା ରୁଜୁ କରି ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ଥିବା ଥାନା ଅଧିକାରୀ ନିରଞ୍ଜନ ଧିର ପ୍ରକାଶ କରିଛନ୍ତି।

### ଖସିଗଲା ଜଣେ



ଆଲମିରା ଭାଙ୍ଗି ଚୋରମାନେ ଜିନିଷପତ୍ର ଫିଙ୍ଗା ଫୋପଡ଼ା କରିଛନ୍ତି।



ଗିରଫ ମଣ୍ଟୁ।

■ ନାବାଳିକା ଅପହରଣ ଘଟଣା

# ୨ଦିନ ପରେ ବି ପୋଲିସ ହାତ ଖାଲି

**ଖଣ୍ଡପଡ଼ା,୨୫।୭(ସ୍ୱ.ପ୍ର.)**

ଏକ ନାବାଳିକା ଅପହରଣ ଘଟଣାର ୨ଦିନ ପରେ ମଧ ଖଣ୍ଡପଡ଼ା ପୋଲିସ ଅପହରଣକାରୀଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ଫଳରେ ନାବାଳିକାଙ୍କ ପରିବାର ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ପ୍ରକାଶ ଯେ, ବୌଦ୍ଧ ଜିଲା ନୂଆପଡା ଅଞ୍ଚଳର ନାବାଳିକା ଜଣକ ପରିବାର ସହ କଟକ ଜିଲା କାନପୁର ଥାନା ଅନ୍ତର୍ଗତ ପଦାମାଳ ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଗତ ବୁଧବାର ସକାଳ ୫ଟାରେ ଦାଦା ଓ ପିଉସୀଙ୍କ ସହ ସେ ଗାଁକୁ ଫେରିଯିବା ନିମନ୍ତେ କଣ୍ଟିଲୋ–ଗଣିଆ ରାସ୍ତାର ରାଜକିଆରୀ ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ୩ଜଣ ଯୁବକ ଏକ ବୋଲେରୋରେ ଆସି ପରିବାର ବର୍ଗଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ଦାଦା ମନମୋହନ ରାଉତ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୩୯/୧୯ରେ ଏକ ମାମଲା ରୁଜୁ କରିଥିଲା। ନାବାଳିକାଙ୍କ ଦାଦାଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ନାବାଳିକାଙ୍କୁ ବିବାହ ପାଇଁ ସ୍ଥାନୀୟ ତେନ୍ତୁଳିଆପଲ୍ଲୀ ଗ୍ରାମର ଜଣେ ଯୁବକ ପ୍ରସ୍ତାବ ଦେଇଥିଲେ। ହେଲେ ଝିଅର ବୟସ ହୋଇ ନ ଥିବାରୁ ପରିବାର ବର୍ଗ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ। ତେଣୁ ଏକ ସୁଚିନ୍ତିତ ଉପାୟରେ ଏହି ଅପହରଣ ଘଟଣା ଘଟିଥିବା ନେଇ ପୋଲିସର ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି ପୋଲିସ ଅପହରଣକାରୀଙ୍କ କବଳରୁ ତୁରନ୍ତ ନାବାଳିକାଙ୍କୁ ଉଦ୍ଧାର କରିବାକୁ ପରିବାରବର୍ଗ ଦାବି କରିଛନ୍ତି। ଅନ୍ୟପକ୍ଷେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ନୟାଗଡ଼ ଏସ୍‌ପି ଏଥିରେ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

# ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଖଣ୍ଡପଡ଼ା,୨୫।୭(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଗୁଣ୍ଠୁଣୀ ଗ୍ରାମରେ ଅବସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅନୁଷ୍ଠାନର ପ୍ରଥମ ସମ୍ପାଦକ ତଥା ଗୁଣ୍ଠୁଣୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶୁକଦେବ ଜେନା, ପ୍ରାକ୍ତନ ସଭାପତି କୃପାସିନ୍ଧୁ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅଞ୍ଚଳବାସୀଙ୍କ ଉଦ୍ୟମ କ୍ରମେ ୧୯୯୨ ମସିହାରେ ଗଢ଼ିଉଠିଥିବା ଏହି ଶିକ୍ଷାନୁଷ୍ଠାନଟି ଉଚ୍ଚ ଶିକ୍ଷାର ପ୍ରସାର ନିମନ୍ତେ ଜାରି ରଖିଥିବା ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଅନୁଷ୍ଠାନର ବିଭିନ୍ନ ଅଭାବ, ଅସୁବିଧା ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ରାଉତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ପରିଶେଷରେ ଅତିଥିମାନଙ୍କ ସହ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଶହେରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଥିଲେ।



ନୀଳକଣ୍ଠେଶ୍ୱର ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଆସିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ବିପର୍ଯ୍ୟସ୍ତ ଅବସ୍ଥାରେ ବଡ଼ମୂଳ ଗେଜ୍ ସାଇଟ୍

- ଭିଏଚ୍‌ଏଫ୍ ଟାୱାର ଅଚଳ
- ମୁଖ୍ୟ ନଦୀବନ୍ଧ ବୁର୍ଲା କାର୍ଯ୍ୟାଳୟକୁ ସୂଚନା ଦେବାରେ ସମସ୍ୟା

**ଗଣିଆ,୨୫।୭(ଡି.ଏନ.ଏ.)**

ମହାନଦୀର ହୀରାକୁଦ ମୁଖ୍ୟ ନଦୀବନ୍ଧ ବୁର୍ଲା ଡିଭିଜନ ଅନ୍ତର୍ଗତ ବଡମୂଳ ଗେଜ ସାଇଟ୍ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି । ପ୍ରତିଦିନ ମହାନଦୀରେ ପ୍ରବାହିତ ଜଳ ପରିମାଣ ସମ୍ପର୍କରେ ମୁଖ୍ୟ ନଦୀବନ୍ଧ ବୁର୍ଲା କାର୍ଯ୍ୟାଳୟକୁ ସୂଚନା ଦେବା ପାଇଁ ନଦୀବନ୍ଧ ଆରମ୍ଭ ସମୟରୁ ନୟାଗଡ଼ ଜିଲା ଗଣିଆ ବ୍ଲକ ବଡମୂଳଠାରେ ଏକ ଗେଜ୍ ସାଇଟ୍ ନିର୍ମାଣ କରାଯାଇଛି । ବର୍ଷାଋତୁରେ ମହାନଦୀରେ ପ୍ରବାହିତ ବନ୍ୟାଜଳ ସମ୍ପର୍କରେ ସୂଚନା ପ୍ରଦାନ କରି ତଳିଆ ଅଞ୍ଚଳରେ ବଡଧରଣର ବନ୍ୟା ନିୟନ୍ତ୍ରଣ ପାଇଁ ଏହା ନିର୍ମାଣ କରାଯାଇଥିଲା। ଏଥିସହ ବିଭାଗୀୟ ଅଧିକାରୀଙ୍କ ରହଣି ପାଇଁ ମଧ ଏକ ଡାକବଙ୍ଗଳା ରହିଛି । ଡାକବଙ୍ଗଳା ରକ୍ଷଣାବେକ୍ଷଣ ଓ ପ୍ରତିଦିନ ଗେଜ ରିଡିଂ ପାଇଁ ଜଣେ ୱାର୍କ୍ସ ୱାର୍କର ଓ ୨ଜଣ ଗେଜ୍ ରିଡରଙ୍କୁ ନିୟୋଜିତ କରାଯାଇଛି। ପ୍ରତ୍ୟହ ୩ଘଣ୍ଟା ବ୍ୟବଧାନରେ ମହାନଦୀରେ ପ୍ରବାହିତ ପାଣିକୁ ଗେଜ ରିଡିଂ ଦ୍ୱାରା ବୁର୍ଲାକୁ ସୂଚନା ପ୍ରଦାନ ପାଇଁ ଭିଏଚ୍‌ଏଫ୍ ଟାୱାର ନିର୍ମାଣ ହୋଇଛି। ହେଲେ ଦୀର୍ଘଦିନ ଧରି ଏହା ଅଚଳ ହୋଇପଡିଛି। ଫଳରେ ଗେଜ ରିଡରମାନେ ନିଜର ମୋବାଇଲ ଫୋନ୍ ଯୋଗେ ମେସେଜ୍ ପ୍ରଦାନ କରୁଛନ୍ତି। ଅଧିକାଂଶ ସମୟରେ ଏଠାରେ ମୋବାଇଲ୍ ନେଟ୍‌ୱର୍କ ରହୁ ନ ଥିବାରୁ ଗେଜ୍ ରିଡରମାନେ ମେସେଜ ପ୍ରଦାନ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିପ୍ରେକ୍ଷୀରେ ବର୍ଷାଋତୁରେ ମହାନଦୀର ବନ୍ୟାଜଳ କିମ୍ବା ହୀରାକୁଦ ନଦୀବନ୍ଧରୁ ଛଡାଯାଉଥିବା ବନ୍ୟାଜଳ ସମ୍ପର୍କରେ ସୂଚନା ପ୍ରଦାନରେ ଯଦି କୌଣସି ବ୍ୟତିକ୍ରମ ଦେଖାଦିଏ ତେବେ ମହାନଦୀର ତଳିଆ ଅଞ୍ଚଳରେ ବଡ ଧରଣର ବନ୍ୟା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ସେହିପରି ଡାକବଙ୍ଗଳାଟିରେ ପାନୀୟଜଳ, ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ବୁର୍ଲା ଡିଭିଜନରୁ କୌଣସି ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ପାଦ ମଧ୍ୟ ଏଠାରେ ପଡେନାହିଁ। ପୂର୍ବରୁ ସାତକୋଶିଆ ଗଣ୍ଡକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକ, ରାଜନେତା ତଥା ସରକାରୀ ବାବୁମାନେ ଏହି ଡାକବଙ୍ଗଳାରେ ଭୋଜିଭାତ କରିବା ସହ ରାତ୍ରିଯାପନ କରୁଥିଲେ। ବର୍ତ୍ତମାନ ଏହା ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳର କୋର ଏରିଆ ମଧ୍ୟରେ ରହୁଥିବାରୁ ବନ୍ୟପ୍ରାଣୀ ବିଭାଗର କଟକଣା ରହିଛି। ଏଠାକୁ କୌଣସି ପର୍ଯ୍ୟଟକ କିମ୍ବା ଅତିଥି ନ ଆସିବା ଯୋଗୁ ଡାକବଙ୍ଗଳାଟିର ରକ୍ଷଣାବେକ୍ଷଣ ଦିଗରେ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେଉନାହାନ୍ତି। ଫଳରେ ଦିନକୁ ଦିନ ଏହା ନଷ୍ଟ ହେବାକୁ ବସିଲାଣି। ଡାକବଙ୍ଗଳା ସହ ଭିଏଚ୍‌ଏଫ୍ ଟାୱାରଟିର ମରାମତି କରାଯିବା ପାଇଁ ବିଭାଗୀୟ ଉଚ୍ଚପଦାଧିକାରୀ ଦୃଷ୍ଟି ଦେବା ନିମନ୍ତେ ଦାବି ହେଉଛି । ଏ ସମ୍ପର୍କରେ ଗେଜ୍ ସାଇଟ୍‌ର ୱାର୍କ୍ସ ୱାର୍କର କୈଳାସ ଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ଭିଏଚ୍‌ଏଫ୍ ଟାୱାରଟି ଅଚଳ ହୋଇପଡିଥିବାରୁ ମୋବାଇଲ ଯୋଗେ ମେସେଜ ପଠାଯାଉଛି । ବନ୍ୟପ୍ରାଣୀ ବିଭାଗର କଟକଣା ଯୋଗୁ ଏଠାରେ କୌଣସି ପର୍ଯ୍ୟଟକଙ୍କୁ ରଖାଯାଉନାହିଁ। ଏଠାରେ ଲାଗିରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେ କହିଥିଲେ ।



ଜରାଜୀର୍ଣ୍ଣ ଅବସ୍ଥାରେ ବଡମୂଳ ଡାକବଙ୍ଗଳା।